Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 19, Issue : 346
Wednesday, 25 February 2026
Balasore, Page : 8, ₹ 2/
ବାଲେଶ୍ୱର, ବୁଧବାର, ୨୫ ଫେବୃୟାରୀ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

ବିକାଶ ନୁହେଁ ଭ୍ରମିତ କରିବାକୁ ବିରୋଧୀଙ୍କ ହଙ୍ଗାମା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୪/୨ (ଆ.ପ୍ର) : ରାଜ୍ୟ ସରକାର ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ରୋଡ ମ୍ୟାପ ପ୍ରସ୍ତୁତ କରିଛନ୍ତି । ତବଲ ଇଞ୍ଜିନ ସରକାର ଏ ନେଇ ସଂକଳ୍ପବଦ୍ଧ । ବିରୋଧୀ କେବଳ ରାଜନୀତିଜ୍ଞଙ୍କୁ ଭ୍ରମିତ କରିବାକୁ ବିଧାନସଭାରେ ହଙ୍ଗାମା କରୁଛନ୍ତି । ରାଜ୍ୟ ବଜେଟ ଉପରେ ସାଧାରଣ ଆଲୋଚନାରେ ଏମିତି କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ମୋହନ ବିଧାନସଭାରେ କହିଲେ, ୨୦୨୬-୨୭ ପାଇଁ ପ୍ରସ୍ତୁତ ହୋଇଥିବା ବଜେଟ କେବଳ ଆୟବ୍ୟୟ ବର୍ଷ ପାଇଁ ଆୟବ୍ୟୟ ଲେଖାଯୋଖାର ଏକ ହିସାବ ନୁହେଁ, ଏହି ବଜେଟ ହେଉଛି ସାହେ ଚାରିକୋଟି ଓଡିଶାବାସୀଙ୍କ ଆଶା ଆକାଂକ୍ଷାର ପ୍ରତିଫଳନ । ଏ ବଜେଟ ଉପସ୍ଥାପିତ ହେବା ପରେ ବିରୋଧୀଙ୍କର ବିରୋଧ କରିବା ପାଇଁ କିଛି ନାହିଁ,ତେଣୁ ଗୃହକୁ ଅତକ କରୁଛନ୍ତି । ଆର୍ଥିକ ବର୍ଷ ୨୦୨୬-୨୭ ପାଇଁ ମୋଟ ୩ ଲକ୍ଷ ୧୦ ହଜାର କୋଟି ଟଙ୍କା ବଜେଟ୍ ଆକଳନ ହୋଇଅଛି ବଜେଟରେ ଆକଳନ କରାଯାଇଥିବା ୭୨ ହଜାର ୧୦୦ କୋଟି ଟଙ୍କାର ପୁଞ୍ଜି ବ୍ୟୟ ଅତକଳ,ସାମଗ୍ରିକ ରାଜ୍ୟ ଘରୋଇ ଉତ୍ପାଦର ୬.୫ ପ୍ରତିଶତ । ଯାହାକି ଦେଶର ସମସ୍ତ ପ୍ରଦେଶ ରାଜ୍ୟ ମାନଙ୍କ ମଧ୍ୟରେ ସର୍ବାଧିକ । ଆମେ ଏହି ବଜେଟରେ କେତେକ ନୂତନ ଏକ୍ସପ୍ରେସ ୱେ ଯଥା ବୁଢ଼ୁପୁର-କୟପୁର ରାଜପଥ,ଗଜପତିରୁ ଆନ୍ଧ୍ରାଭୋଳନ୍ଗୁ କୋଦୁପୁରା ନମୋ ଏକ୍ସପ୍ରେସ ୱେ,ରସୁଲଗଡ଼ବୁ-ଜାନପୁର/ରଘୁଳାଥପୁର ପର୍ଯ୍ୟନ୍ତ ୪-ଲେନ୍ ଏକ୍ସପ୍ରେସ ୱେ ଏବଂ ମାଲକାନଗିରିର ମୋଟୁ-ମୟୂରଭଞ୍ଜର ତିରିଙ୍ଗିକୁ ସଂଯୋଗ କରୁଥିବା ଅତକ ଏକ୍ସପ୍ରେସୱେ ନିର୍ମାଣ ପାଇଁ ପୁଞ୍ଜି ବିନିଯୋଗ ବ୍ୟବସ୍ଥା କରିଛୁ । ଓଡିଶାରେ ୯୦ ହଜାର କୋଟିରୁ ବି ଅଧିକ ଟଙ୍କାର ବିଲିନ୍ ରେଳବାଇ ପ୍ରକଳ୍ପ ଚାଲୁଅଛି । ଚଳିତ ବଜେଟରେ ତାଳଚେର,ଅନୁଗୁଳ,ପାରାଦୀପ ଏବଂ

ଧାମରା ମଧ୍ୟରେ ଆଭ୍ୟନ୍ତରୀଣ ଜଳ ପରିବହନକୁ ବୃଦ୍ଧି କରି ବନ୍ଦରଭିତ୍ତିକ ବିକାଶକୁ ତ୍ୱରାନ୍ୱିତ କରିବାକୁ ପାଣି ବରାଦ ହୋଇଛି । "ସମୃଦ୍ଧ କୃଷକ"ଯୋଜନା ଅଧୀନରେ କୁଳଂଚାଲ ପିଛା ୩୧ ଶହ ଟଙ୍କା ମୂଲ୍ୟରେ ଧାନ କ୍ରୟ ପାଇଁ ୬ ହଜାର ୮୮ କୋଟି ଟଙ୍କାର ପ୍ରସ୍ତାବ ରହିଅଛି । ଚାଷୀଙ୍କ କ୍ଷେତ୍ରରେ ଆମେ କୌଣସି କାର୍ଯ୍ୟବାଧା ରଖିନୁ । ଆସନ୍ତା ୩ ବର୍ଷରେ ପ୍ରାୟ ୧୧ ଲକ୍ଷ ମେଟ୍ରିକ ଟନ୍ ବିଶିଷ୍ଟ ଆଧୁନିକ ଗୋଦାମ ନିର୍ମାଣ ପାଇଁ ମଧ୍ୟ ପ୍ରସ୍ତାବ ରହିଅଛି । ବିରୋଧୀ ଦଳର ବିଧାୟକମାନେ ଚାଷୀମାନଙ୍କ ଲାଗି କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି । କଂଗ୍ରେସ ଦଳକୁ ତ ଲୋକେ ୨୫ ବର୍ଷ ହେଲା ପ୍ରାୟ ଭୁଲି ଯାଇଛନ୍ତି । ମୁଖ୍ୟ ବିରୋଧୀଦଳ ବାରମ୍ବାର ଚାଷ ଓ ଚାଷୀଙ୍କୁ ନେଇ ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି । ମୁଖ୍ୟମନ୍ତ୍ରୀ କହିଲେ,ଆମ ସରକାରଙ୍କ ଇନ୍ପୁଟ ସହାୟତା ଘୋଷଣା ପରେ ନିର୍ଦ୍ଦିଷ୍ଟ ଭାବେ ଅଧିକ ଚାଷ ହୋଇଛି । ଅମଳ ସଂରକ୍ଷଣ କରିବା ପାଇଁ ଭିତ୍ତିଭୂମି ନାହିଁ । ଭିତ୍ତିଭୂମିକୁ ତ ରାତାରାତି କରି ହେବ ନାହିଁ । ଆମେ ଏଥିପାଇଁ ୧୦୦ ଟି ମଡେଲ ମଣ୍ଡି,ଭବିଷ୍ୟତ ଚାହିଦାକୁ ଦୃଷ୍ଟିରେ ରଖି ପ୍ରାୟ ୧୫ ଲକ୍ଷ ମେଟ୍ରିକ ଟନର ଗୋଦାମ ଷ୍ଟୋରେଜ ନିର୍ମାଣ କରୁଛୁ । ରାଜ୍ୟର ସବୁ ଚାଷୀଙ୍କୁ ନିର୍ଦ୍ଦିଷ୍ଟ ପ୍ରତିଶ୍ରୁତି ଦେଉଛି ଯେ ଚାଷୀଙ୍କ ସବୁ ସମସ୍ୟା ସମାଧାନ କରାଯିବ । ସବୁ ଯୋଗ୍ୟ ଚାଷୀଙ୍କ ସବୁ ଉପଯୋଗୀ ଧାନକୁ କିଣାଯିବୁ । ସେ କହିଲେ,ଦେଶରେ ସେମିକଣ୍ଡକ୍ଟର ଉତ୍ପାଦନ କ୍ଷେତ୍ରରେ ଓଡିଶା ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ । ରାଜ୍ୟ ଏଆଇ ମିଶନ ମାଧ୍ୟମରେ ଏଆଇକୁ ଶାସନ ଏବଂ ସେବା ବିତରଣରେ ଏକୀକରଣ କରିବା ଦିଗରେ ବିଭାଗଗୁଡ଼ିକୁ ସାହାଯ୍ୟ କରିବ । ଆମ ସରକାରଙ୍କ ସମୟୋଚିତ ପଦକ୍ଷେପ ଫଳରେ ଓଡିଶା ଆଗାମୀ ଦିନରେ 'ସେମିକଣ୍ଡକ୍ଟର କ୍ୟାପିଟାଲ'ହେବାକୁ ଯାଉଛି । ମାତ୍ର ବର୍ଷକ ମଧ୍ୟରେ ଗତ ଜର୍ଦ୍ଦି ଓଡିଶାରୁ ରାଜଗଂଗପୁର ଗଣ୍ଡିନୀ ପର୍ଯ୍ୟନ୍ତ ଆମେ ୨୦ ଲକ୍ଷ କୋଟି ଟଙ୍କାରୁ ଅଧିକ ପୁଞ୍ଜି ନିବେଶ ପାଇଁ ପ୍ରସ୍ତାବ ପାଇଛୁ । ଅତୀତ ଲକ୍ଷ କୋଟି ଟଙ୍କାର ନିବେଶ ହୋଇ ଗଡିଛି । ଆମର ସମୃଦ୍ଧ ଐତିହ୍ୟର ପ୍ରଦର୍ଶନ ପାଇଁ ଭୁବନେଶ୍ୱରଠାରେ ୮ ଶହ କୋଟି ଟଙ୍କା ବ୍ୟୟରେ ଏକ ଅତ୍ୟାଧୁନିକ ସଂଗ୍ରହାଳୟ ପ୍ରତିଷ୍ଠା ପାଇଁ ଆମେ ପଦକ୍ଷେପ ନେଇଛୁ । ପୁରୀଠାରେ ଏକ ମେରୋଲାନ୍ ଆକ୍ୱାରିୟମ୍ ପ୍ରତିଷ୍ଠା ସହ ସମ୍ବଲପୁର, କଟକ, ଭୁବନେଶ୍ୱର, କାରିପଦା ଏବଂ ଗେଁତରଣୀ ନଦୀ କୂଳରେ ୫୦୦ କୋଟି ଟଙ୍କା ବ୍ୟୟରେ ନଦୀପଠାର ସାମଗ୍ରିକ ବିକାଶ କରାଯିବ । ମୋହନ କହିଲେ, ବଜେଟରେ କେନ୍ଦ୍ରାପଡ଼ା, ଜଗତସିଂହପୁର, ଭଦ୍ରକ ଏବଂ ଝାରସୁଗୁଡ଼ା ଜିଲ୍ଲା ମୁଖ୍ୟାଳୟରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଅଛି । କେନ୍ଦ୍ରୟଗସ୍ତିତ ସରକାରୀ ଇଞ୍ଜିନିୟରିଂ କଲେଜରେ ଖଣି ଏବଂ ଧାତୁ ବିଜ୍ଞାନ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ପ୍ରତିଷ୍ଠା ହେବ । ପାରାମାଉ ଓ ବଲାଙ୍ଗିରରେ ଦୁଇଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ସ୍ଥାପନ କରିବା ପାଇଁ ପ୍ରସ୍ତାବ ରହିଛି । ଗଜପତି, ମାଲକାନଗିରି ଏବଂ ରାୟଗଡ଼ାରେ ତିନୋଟି ନୂତନ ଆୟୁର୍ବେଦିକ ମେଡିକାଲ କଲେଜ ଏବଂ ନୟାଗଡ଼ ଏବଂ କୁଆପଡ଼ାରେ ଦୁଇଟି ନୂଆ ହୋମିଓପାଥ୍ ମେଡିକାଲ କଲେଜ ପ୍ରତିଷ୍ଠା ପ୍ରସ୍ତାବ ରହିଛି । ମହିଳାମାନଙ୍କର ସଶକ୍ତିକରଣ ଓ ଗରିମା ରକ୍ଷା ପାଇଁ ମୋଟ ୧୮ ହଜାର ୯୫୭ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି । ଏହି ବଜେଟ ହେଉଛି 'ସମୃଦ୍ଧ ଓଡିଶା'ନିର୍ମାଣ ପାଇଁ ଏକ ରୋଡ ମ୍ୟାପ । ଚଳିତ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୫-୨୬ରେ ଓଡ଼ିଶାର ଅର୍ଥନୈତିକ ହାର ୭.୯% ରହିବ ବୋଲି ଆକଳନ କରାଯାଇଛି । ଆସନ୍ତା ୨୦୨୬-୨୭ ଆର୍ଥିକ ବର୍ଷରେ ରାଜ୍ୟ ଅର୍ଥନୀତି ୮%ରୁ ଅଧିକ ଅଭିବୃଦ୍ଧି ହାସଲ କରିବ ବୋଲି ଆକଳନ କରାଯାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ଓଡ଼ିଶାର ମାଗଣାରି ମୁଣ୍ଡପିଛା ଆୟ ବର୍ତମାନର ମୂଲ୍ୟରେ ୧ ଲକ୍ଷ ୮୬ ହଜାର ଟଙ୍କା ରହିବ । ଭାରତର ମାଗଣାରି ମୁଣ୍ଡପିଛା ଆୟ ୨ ଲକ୍ଷ ୧୯ ହଜାର ଟଙ୍କା ରହିଛି । ଭାରତ ଏବଂ ଓଡ଼ିଶାର ମୁଣ୍ଡପିଛା ଆୟ ମଧ୍ୟରେ ବ୍ୟବଧାନ ଧୀରେ ଧୀରେ ହ୍ରାସ ପାଉଛି । ସମୃଦ୍ଧ ଓଡ଼ିଶା ଗଢ଼ିବାକୁ ଆମେ ସଂକଳ୍ପବଦ୍ଧ ବୋଲି ମୁଖ୍ୟମନ୍ତ୍ରୀ ଗୃହକୁ ପ୍ରତିଶ୍ରୁତି ଦେଇଛେଲେ ।

ଚାଷ ଓ ଚାଷୀ ସମସ୍ୟାକୁ ନେଇ ତେଜିଲା ରାଜନୀତି; ରାସ୍ତାକୁ ଓହ୍ଲାଇ ଗର୍ଜିଲା ବିଜେଡି

ଭୁବନେଶ୍ୱର, ୨୪/୨ (ଆ.ପ୍ର) : ଚାଷୀଙ୍କ ସମସ୍ୟାକୁ ନେଇ ଗୃହ ଭିତରେ ଓ ବାହାରେ ତାତି । ହୁଲସ୍ଥୁଳ ବିଧାନସଭା । ମଣ୍ଡି ଅବ୍ୟବସ୍ଥା ଏବଂ ଚାଷୀ ପ୍ରସଙ୍ଗକୁ ନେଇ ଆଜି ଲୋୟର ସିଏମଜିରେ ବିଜେଡି ଜର୍ଜିଥିଲା ରାଜ୍ୟସ୍ତରୀୟ ବିକ୍ଷୋଭ ଓ ପ୍ରତିବାଦ ସଭା । ତେଣେ ଆଜି ବି ଏହି ପ୍ରସଙ୍ଗକୁ ନେଇ ଚାଲିପାରି ନ ଥିଲା ବିଧାନସଭା ପ୍ରଶ୍ନକାଳ । ପରେ କିନ୍ତୁ କଂଗ୍ରେସର ଗୁଲଦେବୀ ମେଟିସ୍ ଉପରେ ସରଗରମ ଆଲୋଚନା ହୋଇଥିଲେ ମଧ୍ୟ ଏଥିରେ ବିଜେଡି ଭାଗ ନେଇ ନ ଥିଲା । ସେପରେ ଯୋଗାଣ ମନ୍ତ୍ରୀ କହିଛନ୍ତି, ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ସବୁ ଧାନ କିଣିବେ ରାଜ୍ୟ ସରକାର । ବିରୋଧୀ କେବଳ ରାଜନୀତି କରୁଛନ୍ତି । ଚାଷ ପ୍ରସଙ୍ଗକୁ ନେଇ ତେଜିଲା ଆନ୍ଦୋଳନ । ବିଧାନସଭା ଭିତରେ ଧାନ ମଣ୍ଡି ଅବ୍ୟବସ୍ଥା ଭଗାଇ ବାରମ୍ବାର ଗୃହ ଅଚଳ କରୁଥିବା ମୁଖ୍ୟ ବିରୋଧୀ ବିଜେଡି ଆଜି ରାସ୍ତାରୁ ଗର୍ଜିଛି । ବିଧାନସଭା ବାହାରେ ଲୋୟର ସିଏମଜିରେ ଦନ ପଶରୁ ଆୟୋଜିତ ହୋଇଥିଲା ଚାଷୀ ସୁରକ୍ଷା ସମାବେଶ । ଏଥିରେ ଯୋଗ ଦେଇ ରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ । କହିଥିଲେ, ବିଜେଡି ସରକାର ଚାଷୀଙ୍କ ପାଇଁ ଜାଲିଆ ଯୋଜନା କରିଥିଲା । ସ୍ୱଳ୍ପ ବଜେଟ୍ ବି କରିଥିଲା । କିନ୍ତୁ ଡବଲ ଇଞ୍ଜିନ ସରକାର କରିଛି କଣ ଚାଲି ପ୍ରଶ୍ନ କରିଥିଲେ ନବୀନ । ବିଜେଡି ଗୃହ ଭିତରେ ଏବଂ ବାହାରେ ଚାଷୀଙ୍କ ହକ ପାଇଁ ଲଢ଼େଇ ଜାରି ରଖିବ ବୋଲି କହିଛନ୍ତି ବିରୋଧୀ ଦଳ ନେତା । ଜବାବରେ ବିଜେପି ବିଧାୟକ ଟଙ୍କପାଲ ତ୍ରିପାଠୀ ଚାଷୀ ପ୍ରସଙ୍ଗରେ ଗୃହରେ ଖୋଲା ବିତର୍କ ପାଇଁ ନବୀନଙ୍କୁ ଆହ୍ୱାନ କରିଛନ୍ତି । ସେ କହିଛନ୍ତି, ବିରୋଧୀ ଦଳ ନେତା ଚାଷୀଙ୍କ ପାଇଁ ଗୃହରେ ୧୫ ମିନିଟ କହିପାରିନାହାନ୍ତି ଶ ସେ ଚାଷୀ ମରିରଣ ନୀତି କରି ସରକାର ଚଳେଇ ଥିଲେ ଶ କୁଆପଡା ଉପନିର୍ବାଚନରେ ଲୋକେ ତାଙ୍କୁ ଜବାବ ଦେଇସାରିଛନ୍ତି । ଏଣେ ଆଜି ବି ଚାଷୀ ପ୍ରସଙ୍ଗକୁ ନେଇ ଧୋଇଯାଇଥିଲା ବିଧାନସଭା ପ୍ରଶ୍ନକାଳ । ବିରୋଧୀଙ୍କ ହଙ୍ଗାମାର ଯୋଗୁଁ ଲଗାତାର ଷଷ୍ଠ ଦିନ ଲାଗି ଗୃହରେ ଅଚଳାବସ୍ଥା ଦେଖାଦେଇଥିଲା । ଭାଇସ ବିଜେଡି ଓ କଂଗ୍ରେସ ଆମ୍ବାଗୁ ଚାଷୀ ପ୍ରସଙ୍ଗରେ ସରକାର ଜବାବଦାର ଥିବା ଅଭିଯୋଗ କରି ନାରାବାଜି କରିଥିଲେ । ଫଳରେ ପ୍ରଶ୍ନ କାଳ ଆଜି ବି ଚାଲି ପାରି ନ ଥିଲା । ଶୂନ୍ୟକାଳରେ କିନ୍ତୁ ବିଜେଡି ବିଧାୟକମାନଙ୍କ ନାରାବାଜି ଭିତରେ ଚାଲିଥିଲା ଗୃହ । କଂଗ୍ରେସ ଚାଷୀ ପ୍ରସଙ୍ଗରେ ଦେଇଥିବା ଗୁଲଦେବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇଥିବାବେଳେ ବିଜେଡି ହଙ୍ଗାଗୋଳ କରିଥିଲା । ଶେଷରେ ବିଜେଡି ବିଧାୟକମାନେ କକ୍ଷ ତ୍ୟାଗ କରି ଚାଷୀ ଆନ୍ଦୋଳନରେ ଯୋଗ ଦେଇଥିଲେ । ଅନ୍ୟପଟେ ଯୋଗାଣ ମନ୍ତ୍ରୀ ମୂଳତବୀ ଆଲୋଚନା ବେଳେ ଉତର ରଖି କହିଛନ୍ତି, ସମସ୍ତ ଚାଷୀଙ୍କ ଧାନ ମାର୍ଚ୍ଚ ସୁଦ୍ଧା ଉଠାଯିବ । ବିରୋଧୀ କେବଳ ରାଜନୀତି କରୁଛନ୍ତି ।

ଟେରାକୋଟା ପ୍ରସ୍ତୁତିରେ ବିଶ୍ୱ ରେକର୍ଡ଼; ଏକ ଘଂଟାରେ ୩୧୦ଟି ଗ୍ଲାସ୍ ପ୍ରସ୍ତୁତ

ଭୁବନେଶ୍ୱର, ୨୪/୨ (ଆ.ପ୍ର) : ଟେରାକୋଟା କୃତି ପ୍ରସ୍ତୁତିରେ ବିଶ୍ୱ ରେକର୍ଡ଼ ଜର୍ଜିଛି ଓଡ଼ିଶା । ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଆୟୋଜିତ 'ଭବ୍ୟ ଟେରାକୋଟା କୃତି ପ୍ରସ୍ତୁତି' ପ୍ରତିଯୋଗିତାରେ ଦୁଇଟି ନୂଆ କୀର୍ତ୍ତିମାନ 'ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍' ଲିପିବଦ୍ଧ ହୋଇଛି । ଏକକାଳୀନ ୧୦୦୦ ମୃତିକା ଶିଳ୍ପୀ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି ସର୍ବାଧିକ ପ୍ରତିଯୋଗୀ ବର୍ଗରେ ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ସେହିପରି ପୂର୍ବ ରେକର୍ଡ଼କୁ ଭାଙ୍ଗି ୭ ଜଣ ମୃତିକା କାରିଗର ନୂଆ ରେକର୍ଡ଼ ସୃଷ୍ଟି କରିଛନ୍ତି । ବରଗଡ଼ର ଟେରାକୋଟା ହସ୍ତଶିଳ୍ପୀ ସେବକ ରଣା ଏକ ଘଂଟା ମଧ୍ୟରେ ୩୧୦ଟି ଗ୍ଲାସ୍ ପ୍ରସ୍ତୁତ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିପରି ନୟାଗଡ଼ର ମାଧବ ମୁଦୁଲି, ବଲାଙ୍ଗୀରର ଥାନ ସୁନ୍ଦର ରଣା, ବାଲେଶ୍ୱରର ରମେଶ ଚନ୍ଦ୍ର ମୁଦୁଲି, ଅନୁଗୁଳର ବିଜୟ ବେହେରା, ବଲାଙ୍ଗୀରର ବସନ୍ତ ରଣା, କେନ୍ଦ୍ରାପଡ଼ାର ମଳର କେବଳ ସାହୁ ଯଥାକ୍ରମେ ୨୪୮, ୨୩୨, ୨୩୦, ୨୨୬, ୨୧୯ ଓ ୨୧୮ ଟି ମାଟି ପାତ୍ର ପ୍ରସ୍ତୁତ କରି ନୂଆ କୀର୍ତ୍ତିମାନ ସ୍ଥାପନ କରିଛନ୍ତି । ସୂଚନାଯୋଗ୍ୟ, ଏହା ପୂର୍ବରୁ ଆମେରିକାର ମାଇକେଲ୍ ଷ୍ଟେବର୍ସ ଏକ ଘଂଟା ସମୟ ମଧ୍ୟରେ ୨୧୨ଟି ମାଟି ପାତ୍ର ପ୍ରସ୍ତୁତ କରି 'ଓ୍ୱାର୍ଲ୍ଡ ବୁକ୍ ଅଫ୍ ରେକର୍ଡସ୍'ରେ ସ୍ଥାନ ପାଇଥିଲେ । ଓଡ଼ିଶାର ୭ ଜଣ ଟେରାକୋଟା ହସ୍ତଶିଳ୍ପୀ ଆଜି ଏହି ରେକର୍ଡ଼କୁ ଭାଙ୍ଗିଛନ୍ତି । ସ୍ଥାନୀୟ କଳାଭୂମିପରେ ଆୟୋଜିତ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକଭାବେ ମାନ୍ୟବର ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦିପ ବଳ ସାମନ୍ତ ଉଦ୍ଘାଟନ କରି କହିଥିଲେ, 'ଟେରାକୋଟା ଏବଂ କୁମ୍ଭାର ଶିଳ୍ପ' ଆମ ସମୃଦ୍ଧ ହସ୍ତଶିଳ୍ପର ପରିଚୟ । ଟେରାକୋଟା ଶିଳ୍ପୀମାନେ ଆମ ଏତିହ୍ୟର ବାର୍ତ୍ତାବହ । ଆମ ସଂସ୍କୃତି ଓ ପରମ୍ପରାର ବାର୍ତ୍ତାବହ । ଟେରାକୋଟା ଶିଳ୍ପୀମାନଙ୍କ ପାଇଁ ଆଜି ଆମେ ଗର୍ବିତ । ପ୍ରତିଯୋଗିତା ପରେ ରେକର୍ଡ଼ ସୃଷ୍ଟି କରିଥିବା ଟେରାକୋଟା ହସ୍ତଶିଳ୍ପୀମାନଙ୍କୁ ମାନନୀୟ ମନ୍ତ୍ରୀ ସମ୍ବର୍ଦ୍ଧିତ କରିଥିଲେ । ଭୋକାଲ ଫର ଲୋକାଲ ମାଧ୍ୟମରେ ସ୍ୱଦେଶୀ ହସ୍ତଶିଳ୍ପ ଓ ଟେରାକୋଟା ହସ୍ତଶିଳ୍ପର ପ୍ରଚାର ପ୍ରସାର ପାଇଁ ନିଆଯାଇଆସୁଥିବା ପଦକ୍ଷେପ ସମ୍ପର୍କରେ ବିଭାଗୀୟ ଆୟୁକ୍ତ ତଥା ଶାସନ ସଚିବ ଗୁଡ଼ା ପୁନମ ତାପସ କୁମାର ସୂଚନା ଦେଇଥିଲେ ।

ରତ୍ନଭଣ୍ଡାର ଗଣତିମଣତି ପାଇଁ ରହିବେ ୨ଟି ଟିମ୍, ଆସିଲା ଏସଓପି

ପୁରୀ, ୨୪/୨ (ଆ.ପ୍ର) : ଆସିଲା ରତ୍ନଭଣ୍ଡାର ଗଣତିମଣତି ଏସଓପି । ଶ୍ରୀଜଗନ୍ନାଥ ଧାର୍ଯ୍ୟ ହେବ ଚାରିଖ । ଶ୍ରୀମନ୍ଦିର ରତ୍ନଭଣ୍ଡାର ଗଣତି ମଣତି ଏସଓପି ନେଇ ବୈଠକ ଶେଷ । ରାଜ୍ୟ ସରକାରଙ୍କ ସ୍ୱାରା ରତ୍ନ ଅଳଙ୍କାର ଗଣତି ମଣତି ଏସଓପିକୁ ଅନୁମୋଦନ କରାଯାଇଛି । ୧୪ ପୃଷ୍ଠା ବିଶିଷ୍ଟ ଏସଓପି ପ୍ରସ୍ତୁତ ହୋଇଛି । ଆସନ୍ତା ସପ୍ତାହରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ ଅନୁଷ୍ଠିତ ହେବ । ବୈଠକରେ ରତ୍ନ ଅଳଙ୍କାର ଗଣତି ମଣତି ନେଇ ତାରିଖ ଘୋଷଣା ହେବ । ଏଥିପାଇଁ ଦୁଇଟି ଟିମ୍ ଗଠନ କରାଯିବ । ଏନେଇ ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢୀ ପ୍ରତିକ୍ରିୟା ଦେଇଛନ୍ତି । ସେ କହିଛନ୍ତି ଯେ, ରତ୍ନ ଗଣତିମଣତି ପାଇଁ ତତ୍ତ୍ୱାବଧାରକ ଟିମ୍ ଓ କାର୍ଯ୍ୟକାରୀ ଟିମ୍ ଗଠନ କରାଯିବ । ଏହି ଟିମ୍‌ରେ ଜଣଓର ଦୁଇ ଜଣ ଏକପର୍ଟ ରହିବେ । ନାତି ବହୁତ ଦିନମାନଙ୍କରେ ଗଣତି କାର୍ଯ୍ୟ ହେବନାହିଁ । ନିଦ୍ରା ବିଜେ ସୁଦ୍ଧା କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି । ସମସ୍ତ କାର୍ଯ୍ୟର ଭିଡିଓଗ୍ରାଫି କରାଯିବ ।

କାଳବୈଶାଖୀ ପ୍ରଭାବରେ ଟ୍ୱିନସିଟିରେ ଛେଚିଲା

ଭୁବନେଶ୍ୱର, ୨୪/୨ (ଆ.ପ୍ର) : ସକ୍ରିୟ ଲଘୁଚାପ କ୍ଷେତ୍ର, ପୁଣି ତା ସାଙ୍ଗକୁ ଟ୍ରଫଲାଇନ୍ । ଏହାର ପ୍ରଭାବରେ ଗ୍ରୀଷ୍ମ ଆଗରୁ ଗତ କାଲିଠୁ ବଦଳିଯାଇଛି ରାଜ୍ୟ ପାଣିପାଗର ମୁଡ଼ । ସ୍ଥାନେ ସ୍ଥାନେ ପ୍ରବଳ ଝଡ଼ ବର୍ଷାରେ ବେହାଲ ଜନଜୀବନ । ଗତକାଲି ସୁବର୍ଣ୍ଣପୁର, କୋରାପୁଟ ଓ ବରଗଡ଼ ଜିଲ୍ଲାର କିଛି ସ୍ଥାନରେ କୁଆପଥର ମାତ୍ର ସାଙ୍କୁ ଝଡ଼ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଥିଲା ବେଳେ ଆଜି ଅପରାହ୍ନରେ ଟ୍ୱିନସିଟିରେ ମଧ୍ୟ ପ୍ରବଳ ବର୍ଷା ହୋଇଛି । ଘଡ଼ଘଡ଼ି ସାଙ୍ଗକୁ ଜୋରରେ ପବନ ବହିବାରୁ ରାଜଧାନୀର କିଛି କିଛି ସ୍ଥାନରେ ଗଛ ଭାଙ୍ଗିଥିବା ସୂଚନା ମିଳିଛି । ସେହିପରି ହଠାତ୍ ଝଡ଼ ବର୍ଷା କାରଣରୁ କଟକ ବଡ଼ମ୍ବାରେ ପଡ଼ିଥିବା ଏକ ଯାତ୍ରା ପେଣ୍ଡାଲ ଭାଙ୍ଗିଯିବା ସହ ୨ ଜଣ ଆହତ ହୋଇଛନ୍ତି । ଶ୍ରୀଶ୍ମ ଆଗରୁ ବର୍ଷାର କୋପ । ଜେଗିଠି ଉଡ଼େଇଲା...ଭାଙ୍ଗିଲା ବର୍ତ୍ତିଲା । ତ ପୁଣି ଜେଗିଠି ହେଲା ନିର୍ଝୁମ୍ କୁଆପଥର ମାତ୍ର । ସକ୍ରିୟ ଲଘୁଚାପ କ୍ଷେତ୍ର, ତା ସାଙ୍କୁ ଟ୍ରଫ ଲାଇନର ପ୍ରଭାବ । ଗରମ କାଳିଠୁ ରାଜ୍ୟର ବିଭିନ୍ନ ସ୍ଥାନରେ ଠାଆଲୁ ଠାଆ ଲାଗି ରହିଛି ଏମିତି ସାମାନ୍ୟରୁ ମଧ୍ୟମ ଧରଣର ବର୍ଷା । ସବୁଠୁ ଅଧିକ ପ୍ରଭାବ ଦେଖିବାକୁ ମିଳିଛି ସୁବର୍ଣ୍ଣପୁର, କୋରାପୁଟ ଓ ବରଗଡ଼ ଜିଲ୍ଲାରେ । ସୁବର୍ଣ୍ଣପୁର ବିଜିକା ଅଂଚଳରେ କାଳି ସଂଧାରେ ହଠାତ୍ ଜଳାହାଣିଆ ମେଘ ଘୋଟି ଆସି

କାଳବୈଶାଖୀ ଭଳି ଝଟକା ପରେ ଝଡ଼ୁ ପବନ ଓ ପ୍ରବଳ ବର୍ଷା ପରେ ଇଏ ଆଜିର ଚିତ୍ର । ପଳସାପାଲି, ବାଗଡ଼ିଆ ଆଦି ଗାଁରେ ୧୫ଶୁ ୨୦ ଜଣଙ୍କ ଘର ଭାଙ୍ଗିବା ସହ ଆଜବେଷ୍ଟସ୍ ଛତାଇ ବ୍ୟାପକ କ୍ଷୟକ୍ଷତି କରିଛି ଏ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଦୈନିକ
ଆରମ୍ଭ
SEITHO ARAMBHA

ବୁଧବାର, ୨୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ସର୍ବସାଧାରଣ ରାସ୍ତାକୁ ଜବରଦଖଲ, ସାଧାରଣରେ ବିରୋଧ

ବଣାଇଁ, ୨୪/୨ (ଆ.ପ୍ର) : କିଛି ଦିନ ପୂର୍ବରୁ ରାଜ୍ୟ ସରକାର ପକ୍ଷରୁ ସରକାରୀ ଜମି ଜବର ଦଖଲ କାରୀଙ୍କୁ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଦେଇଛନ୍ତି ଜଡା ଚେତାବନୀ । ରାଜ୍ୟରେ ବହୁ ସରକାରୀ ଜମି ଗୁଡିକୁ ରାଜ୍ୟ ପ୍ରଭାବଶାଳୀ ବ୍ୟକ୍ତିମାନେ ଜବର ଦଖଲ କରି ରଖିଛନ୍ତି । ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ପ୍ରଭାବଶାଳୀ ସରକାରୀ ଜମି ଦଖଲକାରୀଙ୍କୁ ରାଜସ୍ୱ ମନ୍ତ୍ରୀ ଚେତାବନୀ ଦେଇଛନ୍ତି । ତାଙ୍କ କହିବା ଅନୁସାରେ ସମୟ ଅଛି ଜମି ଫେରାଇ ଦିଅ, ନ ହେଲେ ରାଜ୍ୟର ଖର୍ବ ଟଙ୍କା ମଧ୍ୟ ତମଠାରୁ ଆଦାୟ କରାଯିବ । ଦଖଲକାରୀଙ୍କ ଡାଟାବେସ୍ ପ୍ରସ୍ତୁତ ପାଇଁ ତହସିଲଦାରଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏତେ କଡା ଚେତାବନୀ ସତ୍ତ୍ୱେ ଯଦି କେହେ ସରକାରୀ କର୍ମଚାରୀ ଅବମାନନା କରି ସର୍ବସାଧାରଣ ରାସ୍ତା ଉପରେ କୋଠା ନିର୍ମାଣ କରିବାକୁ ସାହାସ କରନ୍ତି ତେବେ ଏହା ଭବିଷ୍ୟତ ପାଇଁ ଏକ ଅଶାନ୍ତ ବାତାବରଣ ସୃଷ୍ଟି ପାଇଁ ସୂଚନା ପରି ପ୍ରତ୍ୟୟ

ହେଉଛି । ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି, ଜଣେ ସରକାରୀ କର୍ମଚାରୀ ବଣାଇଁ ସହରସ୍ଥିତ ତହସିଲ କାର୍ଯ୍ୟାଳୟଠାରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିବା ରାସ୍ତା ସମ୍ପୂର୍ଣ୍ଣ ବନ୍ଦ କରାଯାଇ ନୂତନ ଗୃହ ନିର୍ମାଣ ପାଇଁ ଢୂଳ ଗାର ଦିଆଯାଇଛି । ସୋମବାର ଏଭଳି କାର୍ଯ୍ୟ ଦେଖି ଅଂଚଳର କୃଷିଜୀବୀ ବିରୋଧ କରିଛନ୍ତି । ଏହି ରାସ୍ତାରେ ଶହେ ବର୍ଷ ପୂର୍ବରୁ ଲୋକେ ଚଳପଚଳ କରୁଥିବା ଓ ଏହାକୁ ବନ୍ଦ କରିବା ଜନବିରୋଧୀ କାର୍ଯ୍ୟ ବୋଲି ବଣାଇଁର କିଛି କୃଷିଜୀବି ଏବଂ ସାମାଜିକ କର୍ମୀ ଘୋର ନିନ୍ଦା କରିଛନ୍ତି । ସରକାର ଚାହିଁଲେ ଯେ କୌଣସି ସରକାରୀ ସ୍ଥାନରେ ଗୃହ ନିର୍ମାଣ କରିପାରନ୍ତି, କିନ୍ତୁ ସାଧାରଣ ଜନତାଙ୍କ ବ୍ୟବହୃତ ରାସ୍ତାକୁ ଅବରୋଧ କରି ଗୃହ ନିର୍ମାଣକୁ ତୁରନ୍ତ ବନ୍ଦ କରିବା ଦରକାର ବୋଲି ମତ ଦେଇଛନ୍ତି । ସହରର ଆଇନଜୀବୀ, ସମାଜସେବୀ, ଯୁବ ଓ କରିଶ୍ମ ରାଜନେତା ମଧ୍ୟ ଘଟଣାକୁ ବିରୋଧ କରିଛନ୍ତି । ଏ ସଂକ୍ରାନ୍ତରେ ବଣାଇଁ ରାଜସ୍ୱ ନିରୀକ୍ଷକ ମଙ୍ଗଳ ଯୋଯୋ ମଧ୍ୟ ସେ ରାସ୍ତା ଥିବା କଥା ସ୍ୱୀକାର କରିଛନ୍ତି । ପୂର୍ବ ବିଭାଗ ଗୃହ ନିର୍ମାଣ ପାଇଁ ଚିନ୍ତିତ କରିଥିବା କହିଛନ୍ତି । ବିରୋଧକୁ ସେ ସମ୍ମାନ କରିଛି ଜାମ ବନ୍ଦ କରିବା ସହ ମଙ୍ଗଳବାର ତହସିଲଦାରଙ୍କ ସହ ଆଲୋଚନା ପରେ ପ୍ରତିକାରଜନିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି । ଏଠାରେ ପ୍ରଶ୍ନ ଉଠେ ଯେ, ଭାରତୀୟ ସୁବିଧାଧାରାଣ ଆଭାନ (ଇଣ୍ଡିଆନ ଇନମେଂଟ ଆକ୍ଟ) (୧୮୮୨)କୁମେ କୌଣସି ଏକ ପ୍ଲାନ ସର୍ବସାଧାରଣ ବ୍ୟବହାରରେ ଯଦି ୨୦ ବର୍ଷ ରହେ ତେବେ ତା'ର ସ୍ୱତ୍ୱାଧିକାରୀ ଯେ କେହି ଥାଆନ୍ତୁ ପ୍ରଶାସନ ସର୍ବସାଧାରଣର ସମ୍ପତ୍ତିରେ ନିଷ୍ପତ୍ତି ନେଇପାରିବେ ବୋଲି ଉଲ୍ଲେଖ ରହିଛି । ଏଠାରେ ଶହ ଶହ ବର୍ଷ ଧରି ଥିବା ଏକ ସର୍ବସାଧାରଣ ରାସ୍ତା ବନ୍ଦ କରି ଗୃହ ନିର୍ମାଣର ପରିଣତି କ'ଣ ହେବ ତାହା ଦେଖିବାକୁ ବାକି ରହିଲା ।

ଟ୍ରାକ୍ଟରରେ ମାଟ୍ରିକ୍ ପରୀକ୍ଷାର୍ଥୀ ବୁହା ହେବା ଘଟଣା : ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ପରେ ତଦନ୍ତ ଆରମ୍ଭ କଲା ମଙ୍ଗଳ ବିଭାଗ

ବାଲିଗୁଡା, ୨୪/୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ କ.ନୂଆଗାଁ ସ୍ଥିତ ପିଏମ ଶ୍ରୀ ଉଚ୍ চ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷାର୍ଥୀ ଟ୍ରାକ୍ଟର ରେ ମାଡ଼ି ୩ କି.ମି. କୁଦୁରୁଲି ବିଦ୍ୟାଳୟ କୁ ବୁହା ହେବା ଘଟଣା ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି । ଏ ଘଟଣାକୁ ନେଇ ଅଭିଭାବକ ମହଲରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ସମ୍ପୃକ୍ତ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତା ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏ ସମ୍ପର୍କରେ ବିଭିନ୍ନ ଗଣ ମାଧ୍ୟମରେ ଖବର ପ୍ରକାଶ ପରେ ଘଟଣାର ତଦନ୍ତ ପାଇଁ ବିହିତ ପଦକ୍ଷେପ ନେଇଛି ପ୍ରଶାସନଙ୍କ ଅତିରିକ୍ତ ମଙ୍ଗଳ ଅଧିକାରୀ ବିଦ୍ୟାଳୟରେ ଥିବାରୁ ମଙ୍ଗଳ ଅଧିକାରୀ ଏହାର ତଦନ୍ତ କରୁଛନ୍ତି । ଶିକ୍ଷା ବିଭାଗ ପକ୍ଷରୁ ପ୍ରାଥମିକ ଏବିଇଓ ଚେତନ୍ୟ କର୍ଣ୍ଣିଙ୍କ ଘଟଣା ସମ୍ପର୍କରେ ସବିଶେଷ ତଥ୍ୟ ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା ବୋଲି ଜଣାଇଛନ୍ତି ବିଇଓ । ସୂଚନା ଯୋଗ୍ୟ ଯେ, କ.ନୂଆଗାଁ ସ୍ଥିତ ପିଏମ୍ ଶ୍ରୀ ଉଚ୍ চ ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ କୁଦୁରୁଲି ଉଚ୍ চ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର କରାଯାଇଛି । କେନ୍ଦ୍ରଟି ବିଦ୍ୟାଳୟ ଠାରୁ ପ୍ରାୟ ୩ କିମି ଦୂର । ଗତ ୧୯ ତାରିଖରେ ରେ ଛାତ୍ର ଛାତ୍ରୀ ମାନେ ଟ୍ରାକ୍ଟରରେ ବସି ପରୀକ୍ଷା କେନ୍ଦ୍ରକୁ ଯାଇଥିଲେ । ଘଟଣାକୁ ଗୁରୁତର ସହ ନେଇ ଜିଲ୍ଲାପାଳ ଏହାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

ଟିକାବାଲି କଲେଜରେ ବିକଶିତ ଭାରତ ଯୁବସଂସଦ କାର୍ଯ୍ୟକ୍ରମ ପାଇଁ ସାମ୍ବାଦିକ ସମ୍ମିଳନୀ

ଟିକାବାଲି, ୨୪/୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ନୋଡାଲ କଲେଜ ଅଧୀନ ଶ୍ରୀଯୁକ୍ତ ଦୀନବନ୍ଧୁ ମହାନ୍ତିଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଭାରତ ସରକାରଙ୍କ କ୍ରୀଡ଼ା ଓ ଯୁବକଲ୍ୟାଣମନ୍ତ୍ର ପକ୍ଷରୁ ବିକଶିତ ଭାରତ ଯୁବ ସଂସଦ କାର୍ଯ୍ୟକ୍ରମ ପାଇଁ ପଞ୍ଜୀକରଣ ଆରମ୍ଭ ହୋଇଛି । କନ୍ଧମାଳ ଜିଲ୍ଲାର ଟିକାବାଲି ଏଏମସିଏସ ମହାବିଦ୍ୟାଳୟକୁ ନୋଡାଲ କଲେଜ ଭାବେ ଭାରତ ସରକାର ମନୋନୀତ କରିଛନ୍ତି । ଯୁବକ ଯୁବତୀ ମାନଙ୍କୁ ଭାରତର ବିକାଶରେ ସାମିଲ କରିବା ସେମାନଙ୍କ ନିଜ ମତ ରଖିବାର ସୁଯୋଗ ଦେବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ୧୮ରୁ ୨୫ ବର୍ଷର ଯୁବକ ଯୁବତୀ ଅନଲାଇନ୍ ରେ ଆସନ୍ତା ୨୬/୦୨/୨୦୨୬ ଭିତରେ ଭାରତ ପୋର୍ଟାଲ୍ ରେ ନିଜ ନାମ ପଞ୍ଜିକରଣ କରିବେ ପରେ ମାଇ ଭାରତ ଯୁଥ ପାର୍ଲିଆମେଂଟ ଆପ୍ କୁ ଯାଇ ନାମ ପଞ୍ଜୀକରଣ କରିବେ । ଜାତୀୟ ଜରୁରୀ ପରିସ୍ଥିତିରୁ ଭାରତୀୟ ଗଣତନ୍ତ୍ରରେ ମିଳିଥିବା ଶିକ୍ଷାକୁ ନେଇ ୨୮/୦୨/୨୬ ରେ ଟିକାବାଲି ଏଏମସିଏସ ମହାବିଦ୍ୟାଳୟରେ ନିଜର ଅଭିମତ ରଖିବେ । ଜିଲ୍ଲାର ୫ଜଣ ପ୍ରତିଯୋଗୀଙ୍କୁ ବିଚାରକମାନେ ବିଚାର କରି ରାଜ୍ୟର ଲୋକ ସଭା ଭବନରେ ନିଜର ଅଭିମତ ରଖିବା ପାଇଁ ସୁଯୋଗ ଦେବେ । ଏହି ପ୍ରତିଯୋଗିତା ୨୮/୦୨/୨୦୨୬ ଦିନା ୧୦:୩୦ ରେ ଆରମ୍ଭ ହେବ । ନୋଡାଲ ସଭା ପ୍ରୋଗ୍ରାମ ଅଫିସର୍ ଅଧ୍ୟାପକ ଜ୍ଞାନରଞ୍ଜନ ଭୋଲ କାର୍ଯ୍ୟକ୍ରମ ପରିଚାଳନା କରିବା ବେଳେ ଅଧ୍ୟାପକ ରିଲୁ ପ୍ରଧାନ, ଅଧ୍ୟାପିକା ସଞ୍ଚୟାରାଣୀ ଜହିଁର ଏବଂ ଅଙ୍କିତା ମଂଡାସୀନ ଥିଲେ ।

ଅଳିଆ ଗଦାରୁ ନିଆଁ ଲାଗି କାଠ କେବିନ ଦୋକାନ ପୋଡ଼ି

ପାପଡାହଣ୍ଡି, ୨୪/୨ (ଆ.ପ୍ର) : ଦିନ ୧୧:୦୦ ଟା ସମୟରେ ପାପଡାହଣ୍ଡି ବସଷ୍ଟାଣ୍ଡ ନିକଟରେ ମନେହେଉଛି ବୋକାଳ କରିଥିବା ଗ୍ରାମର ଜଣେ ବୃଦ୍ଧା ପାର୍ବତୀ ବେହେରାଙ୍କ କାଠ କେବିନ ଦୋକାନ ଆଜି ବନ୍ଦ ଥିବା ସମୟରେ ନିଆଁ ଲାଗିଯାଇଥିଲା ଏବଂ ସମସ୍ତ ସାମଗ୍ରୀ ପୋଡିଯାଇଛି ଏବଂ ସ୍ଥାୟୀ ସାମଗ୍ରୀ ନିଆଁର ଗରମରେ ତରଳି ଯାଇଛି, ନିଆଁ ଲାଗିଥିବା ଦେଖି ଗୃହରକ୍ଷୀ ଏ.ମହେଶ କୁମାର, ଲକ୍ଷ୍ମଣ ନାୟକ, ବିଲ୍ଲୁ, ମନ ନାୟକ, ରାଜକିଶୋର ରାଓ, ନିକଟସ୍ଥ କିଛି ଦୋକାନୀ, ଅଗୋ ଚାଳକ, ରାସ୍ତାର ପଥିକ ବାଲ୍ଟି ରେ ପାଣି ଆଣି ଲିଭାଇବା ପାଇଁ ଚେଷ୍ଟା କରିଥିଲେ, ଖବର ପାଇ ପାପଡାହଣ୍ଡି ଦମକଳ ବାହିନୀ ତୁରନ୍ତ ପହଂଚି କରୁଥିବା ନିଆଁକୁ ଆୟତ୍ତ କରିଥିଲେ, କେହି ଦୁର୍ବୃତ ତାଙ୍କ ଦୋକାନ ପଛ ପାଖରେ ଥିବା ଆଳିଆ ଗଦାରେ ନିଆଁ ଲଗାଇ ଦେବାରୁ ସେହି ନିଆଁରେ କେବିନ ପୋଡ଼ିଯାଇଛି ବୋଲି ଦୋକାନୀ ପାର୍ବତୀ ବେହେରା କାନ୍ଦି କାନ୍ଦି ପ୍ରକାଶ କରିଛନ୍ତି, କିଛି ଦିନ ପୂର୍ବରୁ କେବିନ ପଟା ଭାଙ୍ଗି ଚୋରି ହୋଇଥିବା ଏବଂ ସେ ବର୍ତମାନ ଧାର କରଜ କରି ଦୋକାନ କରିଥିବା କହିଛନ୍ତି, ସେ ଅତ୍ୟନ୍ତ ଗରିବ ହୋଇ ଥିବାରୁ ପ୍ରଶାସନ କିଛି ଆର୍ଥିକ ସହାୟତା ପ୍ରଦାନ କରିବାକୁ ଅଂଚଳ ବାସିଙ୍କ ତରଫରୁ ଦାବି ହୋଇଛି ।

ପଲ୍ଲବୀ ନାଟ୍ୟ କଳା ପରିଷଦର ବାର୍ଷିକ ଉତ୍ସବ ଓ ଗୁରୁ ସମ୍ବର୍ଦ୍ଧନା

ଚିଲିକା ବାଣପୁର, ୨୪/୨ (ଆ.ପ୍ର) : ବାଣପୁର ଚିଲିକା ଅଂଚଳର ଅଂଚଳର ଅଗ୍ରଣୀ ନାଟ୍ୟ ସଂସ୍ଥା ପଲ୍ଲବୀ ନାଟ୍ୟ କଳା, ମଠପୁରର ୬୩ ସାମ୍ବତ୍ସରିକ ଉତ୍ସବ ପାଳନ ଅବସରରେ ସାଂସ୍କୃତିକ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ଗୁରୁ ମାନଙ୍କୁ ସମ୍ବର୍ଦ୍ଧନା ଓ ଶିଷ୍ଟ ପ୍ରତିଭା ଚୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଚିଲିକା ତତ୍ତ୍ୱର୍ଣ୍ଣ କଳିଯୁଗେଶ୍ୱରଙ୍କ ଘାଟ ପରିସରରେ ଅନୁଷ୍ଠିତ ଏହି ସାରସ୍ୱତ ସମାରୋହରେ ଚିଲିକା ବୁଲର ପ୍ରାଚୀନ ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ କଣ୍ଡୁରୀ ଚରଣ ପ୍ରଧାନ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ସାହିତ୍ୟ ସିନ୍ଧୁରା ର ସମ୍ପାଦକ ତଥା ପରିଚୟ ପାଠାଗାରର ପ୍ରତିଷ୍ଠାତା ଗୋଳକ ବିହାରୀ ପରିଡ଼ା ଏବଂ ମୁଖ୍ୟବକ୍ତା ଭାବେ ଘିଅଖଲା ମଠପୁର ସରକାରୀ ଜଳ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମନ୍ଦାକିନୀ ଦାଶ ଯୋଗଦେଇ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଶିଷ୍ଟ କବି ରବୀନ୍ଦ୍ରନାଥ ପ୍ରଧାନ, ସମାଜସେବୀ ଶୁଭାଶର ପ୍ରଧାନ, କବି ଶଶାଙ୍କଭୂଷଣ ବରାଳ, ସିଙ୍ଗେଶ୍ୱର ପଂଚାୟତର ନାୟକ ସରପଂଚ ସୁନ୍ଦରୀ ସାହୁ ଯୋଗଦେଇ ପଲ୍ଲବୀ ନାଟ୍ୟ କଳା ପରିଷଦର ସାଂସ୍କୃତିକ ବିପ୍ଳବର ଭୂୟସୀ ପ୍ରଶଂସା କରିଥିଲେ । ପ୍ରାରମ୍ଭରେ ପରିଷଦ ର ସମ୍ପାଦକ ଅଶୋକ କୁମାର ପ୍ରଧାନ ବାର୍ଷିକ ବିବରଣୀ ପଠନ କରିଥିଲେ । ଏହି ଅବସରରେ କଳା କ୍ଷେତ୍ରରେ ନିରବଚ୍ଛିନ୍ନ ସାଧନା ରତ ନାଟ୍ୟ, ନୃତ୍ୟ ଓ ସଙ୍ଗୀତ ଗୁରୁ ଉମା ମିଶ୍ର, ଗୌରାଙ୍ଗ ଚରଣ ମୁଦୁଲି, ବିକ୍ରମ କୁମାର ସାହୁ, ବିଷ୍ଣୁ ପ୍ରିୟା ବାଦିକ, ଭିକାରୀ ଚରଣ ପ୍ରଧାନ, ପ୍ରମୋଦ କୁମାର ସ୍ୱାଇଁ, ମାଧବ ଚନ୍ଦ୍ର ପଟ୍ଟନାୟକ,ବିକ୍ରମ କୁମାର ସେଠୀ ପ୍ରମୁଖଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା । ପଲ୍ଲବୀ ନାଟ୍ୟ କଳା ପରିଷଦର ଶିଶୁ କଳାକାର ମାନଙ୍କୁ ସମ୍ବାନିତ କରାଯାଇଥିବା ବେଳେ ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଶ୍ରେଷ୍ଠ ଅଭିନେତ୍ରୀ ଶିବାନୀ ସ୍ୱାଇଁ ଏବଂ ଜାତୀୟ ପୁରସ୍କାର ଲାଭ କରିଥିବା ପରୀ ବେହେରା ଓ ବୈଷ୍ଣବ ସୁଝେର ସିଂହଙ୍କୁ ତୁଳି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ସମସ୍ତ କାର୍ଯ୍ୟ କ୍ରମର ମଂଚ ସଂଚାଳନ କରିଥିଲେ ବିଶିଷ୍ଟ କବି ତଥା ବରିଷ୍ଠ ଶିକ୍ଷକ ଗୋପୀନାଥ ଦାଶ । ଧନ୍ୟବାଦ ପ୍ରଦାନ କରିଥିଲେ ପରିଷଦର ସଭାପତି ପୃଥ୍ୱୀଧର ପ୍ରଧାନ । ସହଯୋଗ କରିଥିଲେ ଓମ୍ କୁମାର ବେହେରା, ଜିତେନ୍ଦ୍ର କୁମାର ସାହୁ, ସୁଶାନ୍ତ କୁମାର ସାହୁ,ଆକାଶ ସ୍ୱାଇଁ, ଟଂଗାନନ ଜେନା ।

ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଭବାନୀପାଟଣା ଠାରେ ଅନୁଷ୍ଠିତ

କଳାହଣ୍ଡି, ୨୪/୨ (ଆ.ପ୍ର) : ମାଙ୍କଡବାର ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଏଇ ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ, ଭବାନୀପାଟଣା ଠାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଜିଲ୍ଲା ସ୍ତରୀୟ ନିଯୁକ୍ତି ମେଳା କୁ ସାଂସଦ କଳାହଣ୍ଡି ମାଳବିକା ଦେବୀ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ଏହି ମେଳା ରେ ଅତିରିକ୍ତ ଜିଲ୍ଲାପାଳ ତନୁଜ କୁମାର ବଡୁଆଳ, ସରକାରୀ ଶିଳ୍ପ ତାଲିମ ଅନୁଷ୍ଠାନ ଏବଂ ସରକାରୀ ବହୁମୁଖି ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟକ୍ଷ ଉପସ୍ଥିତ ରହି ନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସାଲାକୁ ଜିଲ୍ଲା ବସତି ବିକାଶ ଓ ନିୟୋଜନ ଅଧିକାରୀ ଦୁର୍ଗା ଚରଣ ଦାସ ଏବଂ ବସତି ବିକାଶ ଓ ନିୟୋଜନ ଅଧିକାରୀ ସୁବିଦିତ ସାମନ୍ତରାୟ ପରିଚାଳନା କରିଥିଲେ । ଏହି ନିଯୁକ୍ତି ମେଳାରେ ମୋଟ ୧୮ଗୋଟି ନିଯୁକ୍ତି ଦାତା କମ୍ପାନୀ ଏବଂ ୯ ଜଣ ପ୍ରଶିକ୍ଷଣ ପ୍ରଦାନକାରୀ ସଂସ୍ଥା ଯୋଗ ଦେଇଥିଲେ । ଏହି ମେଳାରେ ବିଭିନ୍ନ ବୁଲଗୁ ସର୍ବମୋଟ ୧୨୫୪ ଜଣ ଛାତ୍ର ଛାତ୍ରୀ ଏବଂ ନିଯୁକ୍ତି ଆଶାୟୀ ପ୍ରାର୍ଥୀ ମାନେ ଯୋଗ ଦେଇ ନିଜର ପସନ୍ଦର ନିଯୁକ୍ତି ଦାତା ଙ୍କ ପାଖରେ ପଞ୍ଜିକରଣ କରିଥିଲେ । ତନ୍ମଧ୍ୟରୁ ୫୬୨ ଜଣ ନିଯୁକ୍ତି ପାଇଁ ଏବଂ ୪୧୨ ଜଣ ପ୍ରଶିକ୍ଷଣ ପାଇଁ ପଞ୍ଜିକରଣ କରିଥିଲେ ।

ସୁଭଦ୍ରା ଶକ୍ତି ମେଳା ଷଷ୍ଠ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ

ପାରଜାଖେମୁଣ୍ଡି, ୨୪/୨ (ଆ.ପ୍ର) : ଜିଲ୍ଲା ସଦର ମହକୁମା ପାରଜାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମ୍ ଠାରେ ଚାଲୁଥିବା ଜିଲ୍ଲାସ୍ତରୀୟ ସୁଭଦ୍ରା ଶକ୍ତି ମେଳା ଷଷ୍ଠ ଦିନରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ସମ୍ମାନିତ ଅତିଥି ଭାବେ ସେଂଚୁରିଆନ୍ ୟୁନିଭରସିଟିର ରେଜିଷ୍ଟ୍ରର ଡ଼ଃ ଅଜିତା ପତ୍ର , ମୁଖ୍ୟ ଜନୁୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଶ୍ରୀ ପୃଥ୍ୱୀରାଜ ମଣ୍ଡଳ, ଉପଜିଲ୍ଲାପାଳ ପାରଜାଖେମୁଣ୍ଡି ଶ୍ରୀ ଅନୁପ ପଣ୍ଡା, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗୋଷ୍ଠୀଣୀ ଶ୍ରୀ ଗୌରୀ ଚନ୍ଦ୍ର ପଟ୍ଟନାୟକ, ଜିଏମଡିଆଇସି ଶ୍ରୀ ସୁଜାତାମ ସିଂ, ଡିପିଏମ, ଓଏଲଏମ ଶ୍ରୀ ଟିମଜ୍ ବାରା ପ୍ରମୁଖ ମଂଚାସୀନ ରହି ମେଳାର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ବିଷୟରେ ମତ ପ୍ରକାଶ କରିଥିଲେ । ପରେ ଭୁବନେଶ୍ୱରର ଏ.ଆ.ର ଆରଡାନଙ୍କ ସଂଯୋଜନାରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାରଜାଖେମୁଣ୍ଡିର ପଦାମୁଡ ନୃତ୍ୟାୟନ, ଗଜପତି ଡେନ୍ସ ଟାଲେଣ୍ଟ , ସମଲେଇ ନୃତ୍ୟକଳା ପରିଷଦ, ବନ୍ଦେ ମାତରମ, ଜଳୁନ ଆନ୍ଦୋଶ୍ରମ ସମେତ ରଙ୍ଗାମାର ମାଁ ତାରାତାରିଣୀ କଳା ବିକାଶ କେନ୍ଦ୍ରର ରାଶପା ବଲାଙ୍ଗୀରର ଏକଦା ଡାନ୍ସ ଗ୍ରୁପ୍ ଗୁଲ୍ ବୁଲିର କଳାକାରମାନଙ୍କ ଦ୍ୱାରା ନୃତ୍ୟ ପରିବେଷଣ କରିଥିବା ବେଳେ ଲକ୍ଷଶିଳ୍ପୀ ବର୍ଷାଳୀ ହୋତା ଓ ଗ୍ରୁପ ସଙ୍ଗୀତ ପରିବେଷଣ କରିଥିଲେ । ସେହିପରି ମହିଳା ଶକ୍ତିକୁ ମଜବୁତ କରୁଛି ମେଳା, ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱୟଂ ସହାୟକ ଗୋଷ୍ଠୀମାନେ ନିଜେ ଉତ୍ପାଦିତ ହସ୍ତତନ୍ତ, ହସ୍ତଶିଳ୍ପ, ଖାଦ୍ୟ ସାମଗ୍ରୀ ଓ ଗୃହସଜ୍ଜା ସାମଗ୍ରୀ ପ୍ରଦର୍ଶନ ଓ ବିକ୍ରି କରିପାରିବେ ସେଥି ସହିତେ ମହିଳା ମାନଙ୍କୁ ନେଇ ସୁଭଦ୍ରା ଶକ୍ତି କର୍ମଶାଳା ଅନୁଷ୍ଠିତ ହୋଇଥିଲା । ଉତ୍ପାଦିତ ଜିନିଷକୁ ବ୍ରାଣ୍ଡିଂ ଓ ପ୍ୟାକେଜିଂ ବିଷୟରେ ପ୍ରଶିକ୍ଷଣ ଦିଆଯାଇଛି । ସେହିପରି ପ୍ରତିଦିନ ମାରଣା ବସ୍ତୁ ପରୀକ୍ଷା ଶିବିର ଆୟୋଜିତ ହେଉଛି । ମିଶନ ଶକ୍ତିର ଏହି ପଦକ୍ଷେପ ମାଧ୍ୟମରେ ମହିଳାମାନେ ଆଗକୁ ବଢିବା ସଙ୍ଗେ ସଙ୍ଗେ "ଲକ୍ଷପତି ଦିବି" ହେବାର ସ୍ୱପ୍ନ ସାକାର କରିବାରେ ଏହି ମେଳା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଉଛି ।

ବୈରୀରେ ଅନୁଷ୍ଠିତ ବିଶାଳ ହିନ୍ଦୁ ସମ୍ମିଳନୀକୁ ବନ୍ଦ କଲା ବୈରୀ ପୋଲିସ୍

ଯାଜପୁର, ୨୪/୨ (ଆ.ପ୍ର) : ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ବୈରୀ ଓ ଅମ୍ବାସରରି ମଧ୍ୟସ୍ଥ ମା ତାରିଣୀ ମନ୍ଦିର ପରିସରରେ ସମଗ୍ର ହିନ୍ଦୁ ସମାଜ ବୈରୀ ମଣ୍ଡଳ ତରଫରୁ ଆୟୋଜନରେ ଏକ ବିଶାଳ ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ବୈରୀ ଓ ପାର୍ଶ୍ୱବର୍ତ୍

ସମ୍ବାଦ
ଆରମ୍ଭ
SEITHO ARAMBHA
ବୁଧବାର, ୨୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ବାଲେଶ୍ୱର ଜିଲ୍ଲାକୁ ସ୍ୱାସ୍ଥ୍ୟସେବାରେ ସରକାରୀ ଅବହେଳା ବିରୋଧରେ କ୍ରିୟାନୁଷ୍ଠାନ କମିଟିର ମାର୍ଚ୍ଚ ୧ରେ ସାଂଗଠନିକ ସମ୍ମିଳନୀ

ବାଲେଶ୍ୱର, ୨୪/୦୨ (ଆ.ପ୍ର) : ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଲେଶ୍ୱର ଜିଲ୍ଲାକୁ ସରକାରୀ ଅବହେଳା ଓ ସ୍ୱାସ୍ଥ୍ୟସେବା ସମସ୍ୟାଗୁଡ଼ିକର ଆଶୁ ସମାଧାନ ପାଇଁ ନିର୍ଦ୍ଦିଷ୍ଟ କାର୍ଯ୍ୟପନ୍ଥା ଗ୍ରହଣ ନିମିତ୍ତ ଆସନ୍ତା ମାର୍ଚ୍ଚ ପହିଲା, ରବିବାର ଦିନ ମେଡିକାଲ୍ କଲେଜ୍ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀ ବାଲେଶ୍ୱର ଓଲିଜ ସଂଘ ସଭାଗୃହରେ ଆହ୍ୱାନ କରାଯାଇଛି । ଗତ ବାର୍ଷିକ ସମ୍ମିଳନରେ ଗୃହୀତ ଦାବିଗୁଡ଼ିକୁ ନେଇ ଓ ସାପ୍ତାହିକ ବୈଠକର ନିଷ୍ପତ୍ତି କ୍ରମେ ଏହି ଜିଲ୍ଲାସ୍ତରୀୟ ସାଂଗଠନିକ ବୈଠକରେ ବୃହତ୍ ଓ ଶାଖା କମିଟିର ପ୍ରତିନିଧିମାନେ ଯୋଗଦେବାକୁ କ୍ରିୟାନୁଷ୍ଠାନ ପକ୍ଷରୁ ନିବେଦନ କରାଯାଇଛି । ସଭାପତି ନିରଞ୍ଜନ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା କମିଟିର ସାପ୍ତାହିକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସାଧାରଣ ସମ୍ପାଦକ ପୁଦୀପ ଦାସ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରମାନଙ୍କରେ ଓ ମେଡିକାଲ୍ କଲେଜରେ ରୋଗୀମାନଙ୍କୁ ସେବା ଯୋଗାଇଦେବାରେ ରୋଗୀ ଓ ରୋଗୀଙ୍କ ସମ୍ପର୍କୀୟମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଗୁଡ଼ିକ ସଂପର୍କରେ ଉପସ୍ଥାପିତ କରିଥିଲେ । ବାଲେଶ୍ୱର ଏମ୍ସରେ ରୋଗୀମାନେ ସ୍ୱାସ୍ଥ୍ୟସେବା ନପାଇ ହତାଶ ହେଉଥିବାରୁ ରୋଗୀ ସଂଖ୍ୟା ହ୍ରାସ ପାଉଛି । ଜିଲ୍ଲାପାଳଙ୍କ ବସ୍ତୁର ସମ୍ମୁଖରେ ସମ୍ପାଦକୀୟ ଗଣଧରଣା ଓ ବିଭିନ୍ନ ସଂଗଠନ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଦିଆଯାଇଥିବା ଦାବିଗୁଡ଼ିକର କୌଣସି ସୁସମାଧାନ ହୋଇନାହିଁ । ଚଳିତ ବିଧାନସଭାର ବଜେଟ୍ ଅଧିବେଶନରେ ରାଜ୍ୟ ସରକାର ବାଲେଶ୍ୱର ଜିଲ୍ଲାବାସୀଙ୍କର କୌଣସି ଦାବିକୁ ବିଚାରକୁ ନେଇ ନଥିବା ସଂପର୍କରେ ଶ୍ରୀ ଦାସ ବୈଠକରେ ଜଣାଇଥିଲେ । ଆଲୋଚନାରେ ଅଂଶଗ୍ରହଣ କରି ନିରଞ୍ଜନ ରାଉତ, ଗୌରାଙ୍ଗ ପଣ୍ଡିଗ୍ରାହୀ, ଗା. ତାରାକାନ୍ତ ନନ୍ଦ, ପ୍ରଫୁଲ୍ଲ କୁମାର ଦାସ, ଶ୍ୟାମସୁନ୍ଦର ଜେନା, ସଚୀନ୍ଦ୍ର ଦାସ, ଦୀପକ ମିଶ୍ର, ବିଜନ ଦେ, ଯୋଗେଶ ଚନ୍ଦ୍ର ପ୍ରଧାନ, ଶଶାଙ୍କ ଦଳ, ଯୋଗେଶ ଚନ୍ଦ୍ର ମାହାର୍ଣ୍ଣା, ଯତୀନ୍ଦ୍ର ପାତ୍ର ପ୍ରମୁଖ ସରକାରଙ୍କ ଅବିଚାରକୁ ବିରୋଧ କରି ଜନ୍‌ବିରୋଧ ପ୍ରକାଶ କରିଥିଲେ । ଆସନ୍ତା ମାର୍ଚ୍ଚ ପହିଲାରେ ଜିଲ୍ଲାସ୍ତରୀୟ ସାଂଗଠନିକ ସମ୍ମିଳନୀରେ ଆଗାମୀ ଦିନର କାର୍ଯ୍ୟସୂଚୀ ସ୍ଥିର କରିବାକୁ ସର୍ବସମ୍ମତିକ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । କୋଷାଧ୍ୟକ୍ଷ ଶ୍ୟାମସୁନ୍ଦର ଜେନା ଆୟବ୍ୟୟର ବିବରଣୀ ଆଗତ କରିଥିଲେ ଓ ସୁକୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

'ଭାଷାପକ୍ଷ' ଓ 'କୁଟୀର ବହିମେଳା'ର ଦ୍ୱିତୀୟ ଦିବସରେ ଅନୁଷ୍ଠିତ ହେଲା କବି ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା

ବାଲେଶ୍ୱର, ୨୪/୦୨ (ଆ.ପ୍ର) : 'ଓଡ଼ିଆ ଭାଷା ବିକାଶ ଆନ୍ଦୋଳନ' ତତ୍ତ୍ୱାବଧାନରେ ଚାଲିଥିବା 'ଭାଷାପକ୍ଷ' ଓ 'କୁଟୀର ବହିମେଳା'ର ଦ୍ୱିତୀୟ ଦିବସ ଦୁଷ୍ଟ୍ୟନ୍ତ ଜଳି ଦୀପ୍ତି ଦାସ ସାହିତ୍ୟ ସନ୍ଧ୍ୟା ଭାବରେ ଅନୁଷ୍ଠିତ ହୋଇଯାଇଛି । ଏହି ସାହିତ୍ୟ ଉତ୍ସବରେ ପୌରୋହିତ୍ୟ କରିଥିଲେ ଗବେଷକ ତଥା ପ୍ରାବନ୍ଧିକ ଡକ୍ଟର ଶିଶୀଶ ଚନ୍ଦ୍ର ଜେନା । ସେ ତାଙ୍କ ବକ୍ତବ୍ୟରେ କହିଲେ ଯେ କବି ଶ୍ରୀମତୀ ଦାସଙ୍କ ଶବ୍ଦର ଚୁମ୍ବକୀୟ ଶକ୍ତି ପ୍ରତ୍ୟେକଙ୍କୁ ଛନ୍ଦଳର ଉତାନ କରିଦିଏ । ଭକ୍ତି, ପ୍ରେମ, ଇଚ୍ଛାସ ଓ ସମର୍ପିତର ଏକ ଉତରିତ ସୋପାନରେ କବି ପାଦ ଥାପିଛନ୍ତି ବୋଲି ସେ କହିଥିଲେ । ଆଲୋଚକ ଭାବେ ଯୋଗ ଦେଇଥିଲେ ଫକୀର ମୋହନ ସାହିତ୍ୟ ପରିଷଦର ସଂପାଦକ ଡକ୍ଟର ରତ୍ନାକର ସିଂହ । ସେ ତାଙ୍କ ଅଭିଭାଷଣରେ କବିତା ଆଧୁନିକ ମଣିଷର ଜୀବନ ଜିଜ୍ଞାସାର ଅନ୍ତଃସ୍ତରୀ ବୋଲି କହିବା ସହିତ ସାହିତ୍ୟରେ ପ୍ରବନ୍ଧ ଯଦି ମନୋଭୂମିର ଫସଲ, ତେବେ କବିତା ହୃଦୟ ଭୂମିର ଅମନ ବୋଲି ମନ୍ତବ୍ୟ କରିଥିଲେ । ଅନ୍ୟତର ଆଲୋଚକ ଭାବେ କବି ରଂଜନ ମହାନ୍ତି ଯୋଗ ଦେଇ କହିଲେ ଯେ କବି ଶ୍ରୀମତୀ ଦାସଙ୍କ ପ୍ରେମ ଓ ପ୍ରଣୟ ହେଉଛି ସମର୍ପଣ ଓ କୃତଜ୍ଞତାର ଜୀବନ୍ତ ଆଲେଖ୍ୟ । ଏହି ଅବସରରେ କବି ଶ୍ରୀମତୀ ଦାସଙ୍କ ରଚିତ ଲେଉଟାଣି କବିତାକୁ କବି ଶ୍ରୀଦେବ, ବାପଣ୍ଡା ଦେ, ଡକ୍ଟର ରମାକାନ୍ତ ନାୟକ, କୃଷ୍ଣ ପ୍ରଧାନ, ପଦ୍ମଲୋଚନ ପ୍ରଧାନ, ପାଟମ୍ବର ବେହେରା, ଡକ୍ଟର ସାରଦାଧର ତ୍ରିପାଠୀ ପ୍ରମୁଖ ପାଠ କରିଥିଲେ । ସାଧାରଣ ସଂପାଦକ ଡକ୍ଟର ଲକ୍ଷ୍ମୀକାନ୍ତ ତ୍ରିପାଠୀ ପ୍ରାଜ୍ ଜଥନ ରଖିଥିବା ବେଳେ ଯୁଗ୍ମ ସଂପାଦକ କୁମାରନାଥ ପାତ୍ର ମଂଚ ଆହାନ କରିଥିଲେ । ଶେଷରେ ଶାଶ୍ୱତିକତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ସାରସ୍ୱତ ସଭ୍ୟାରେ ଅନ୍ୟମାନଙ୍କ ମଧ୍ୟରେ ଅଞ୍ଜଳି ପଣ୍ଡା, ଡକ୍ଟର ସୁଚାସ ଚନ୍ଦ୍ର ପାତ୍ର, ଡାକ୍ତର ଚୌଧୁରୀ ସତ୍ୟଭୂତ ନନ୍ଦ, ଡକ୍ଟର ହେମମାଳା ଦାଶ, ପ୍ରତିମା ପଣ୍ଡା, କଳ୍ୟାଣୀ ନନ୍ଦ, ପୁଷ୍ପା ଚକ୍ରବର୍ତ୍ତୀ, ଉର୍ମିଳା ନାୟକ, ଶରତ କୁମାର ମହାପାତ୍ର, ମଧୁସୂଦନ ମାଝୀ, ପ୍ରଭାକର ସାହୁ, ତ୍ରିନାଥ ନନ୍ଦୀ ପ୍ରମୁଖ ବହୁ ସାରସ୍ୱତ ସାଧକ ଉପସ୍ଥିତ ଥିଲେ ।

ଦ.ପୂ ରେଳବାଇ-ଟେଣ୍ଡର

ଟେଣ୍ଡର ନୋଟିସ ନମ୍ବର ST-OT-CCTV- ଛୁଟ୍-୦୩୫-୦୯ ତାରିଖ ୨୩.୦୨.୨୦୨୬ । ଖଡ଼ଗପୁର ଡିଭିଜନର ଅଧୀନସ୍ଥ ଏବଂ ଓଲ୍ଡ ଫୋଟୁ, ସିମିଲିଗୁଡ଼ି ଡିଭିଜନର ସିଗନାଲ ଏବଂ ଟେଲିକମ୍ ଇଞ୍ଜିନିୟର (ସେବା) / ଖଡ଼ଗପୁର-୭୨୧୩୦୧ ଦ୍ୱାରା ଜାରି ଇ-ଟେଣ୍ଡର ଆମନ୍ତ୍ରଣ କରୁଛନ୍ତି ଏବଂ ଏହା ୧୨:୦୦ ଘଣ୍ଟାରେ ଖୋଲାଯିବ । କାର୍ଯ୍ୟର ବର୍ଣ୍ଣନା: (i) ଖଡ଼ଗପୁର ଡିଭିଜନରେ ଖଡ଼ଗପୁର, ଝାଡ଼ଗ୍ରାମ, ଫାଟକପୁର, ଜେଲ୍ଲାପୋଷୀ, ଜମ୍ପପୋଷ, ଚାରଲେଖା, PSOR ଏବଂ GPSDରେ ଫ୍ଲାଟ ଫର୍ମରେ CCTV କାମକୁ ସହିତ ଜଡିତ S&T ଅଂଶ । (ii) ଖଡ଼ଗପୁର ଫ୍ଲାଟ ଫର୍ମର ଡିଜିଟାଲ ଆଣ୍ଟେନାକରଣ / ଇନ୍‌ଷ୍ଟଲେସନ । (iii) ଫାଟକପୁର ଫ୍ଲାଟ ଫର୍ମର ଡିଜିଟାଲ ଆଣ୍ଟେନାକରଣ / ଇନ୍‌ଷ୍ଟଲେସନ । ଟେଣ୍ଡର ମୂଲ୍ୟ: ଟା.୧୦, ୫୦,୫୫୬.୪୦ ଟଙ୍କା । EMD: ୧୦,୦୦୦ ଟଙ୍କା । ଟା.୦.୫୦,୫୦୦ । ଟେଣ୍ଡର ଦସ୍ତାବେଜର ମୂଲ୍ୟ: ଟେଣ୍ଡର ନୋଟିସ ଜାରି । ଟେଣ୍ଡର ବନ୍ଦ ତାରିଖ: ୨୩.୦୩.୨୦୨୬ । ସକାଳୁ ୨୩ଟା ୧୫ ମିନିଟ । ଟେଣ୍ଡର ଖୋଲିବା: ୨୩.୦୩.୨୦୨୬ ଦୁପହର ୩.୦୦ ଘଣ୍ଟା ପରିଚାଳକ ଅଫିସର ଟେଣ୍ଡରକାରୀଙ୍କ ଉପସ୍ଥିତିରେ ଏବଂ ଇଚ୍ଛାକରୁଥିବା ଟେଣ୍ଡରକାରୀ ଦିନ ସାଢ଼େ ଚାରିଟାରେ । ଟେଣ୍ଡରର ବିସ୍ତୃତ ତଥ୍ୟ ପାଇଁ ଦୟାକରି ଆମର ୱେବସାଇଟ www.ireps.gov.in ଦେଖନ୍ତୁ । ଚାରିଟିକିଟ ବିଶିଷ୍ଟ ଟେଣ୍ଡର ଏବଂ ଇଚ୍ଛାକରୁଥିବା ଟେଣ୍ଡରକାରୀ ଦିନ ସାଢ଼େ ଚାରିଟାରେ । ଟେଣ୍ଡରରେ ଦେଖିବାକୁ ଏହି ଲାଇନ ପାଇଁ ଆମ ଟ୍ରେଡ ଲାଇସେନ୍ସ ଜରୁରୀ ।

(PR-1227)

ବାଲେଶ୍ୱର ମହିଳା ମହାବିଦ୍ୟାଳୟରେ ରକ୍ତଦାନ ଶିବିର

ବାଲେଶ୍ୱର, ୨୪/୦୨ (ଆ.ପ୍ର) : ମଙ୍ଗଳବାର ସୂର୍ଯ୍ୟାହ୍ନରେ ଗୋପାଳଗାଁସ୍ଥିତ ବାଲେଶ୍ୱର ମହିଳା ମହାବିଦ୍ୟାଳୟ ପରିସରରେ ଏନ୍‌ଏସ୍‌ଏସ୍ ଏବଂ ଓ୍ୱାଇଆରଏସ୍‌ର ମିଳିତ ଆନୁକୂଲ୍ୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଥାଲାସେମିଆ ରୋଗରେ ପୀଡ଼ିତ ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଏଭଳି ଶିବିର ଆୟୋଜିତ ହୋଇଥିଲା । ଆମ ଓଡ଼ିଶା ପରିବାର ଓ 'ଆଜିକାଲି' ସମ୍ବାଦପତ୍ର ଏହି କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଅତିରିକ୍ତ ଜିଲ୍ଲାପାଳ ତଥା ଏହି ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି ସୁଧାକର ନାୟକ, 'ମଣିଷ ଘର'ର ପ୍ରତିଷ୍ଠାତା, ଲେଖକ ଓ ସାମାଜିକ କର୍ମୀ ପ୍ରଶାନ୍ତ ଦାସ, ରକ୍ତଦାତା ସଂଘ ଉପସଭାପତି ଦେବାଶିଷ ପାଣି ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଭାମାକାନ୍ତ ନାୟକ ପ୍ରମୁଖ ଏହି ଶିବିର ଉଦଘାଟନ କାର୍ଯ୍ୟକ୍ରମରେ ଅତିଥି ଭାବେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମରେ ସ୍ଥାନୀୟ ଅଂଚଳର ଜନସାଧାରଣ, ଓ୍ୱାଇଆରସିର କାଉନସେଲର୍ ତଥା ରାଜନୀତି ବିଜ୍ଞାନ ଅଧ୍ୟାପିକା କୁମାରୀ ଚମ୍ପାବତୀ ଜିଷ୍ଟୁ, ଏନ୍‌ଏସ୍‌ଏସ୍‌ର ପ୍ରୋଗ୍ରାମ ଅଫିସର ଡ. ସୁଜାତାରାଣୀ ପରିଡ଼ା, ଆଇଆଏସିର ସଂଯୋଜକ ଅଧ୍ୟାପକ ସୁଶାନ୍ତ କୁମାର ମଣ୍ଡଳ, ଡ. ମୋନିକା ଶତପଥୀ, ପ୍ରବୀଣ କୃମାର ଜେନା ପ୍ରମୁଖ ସକ୍ରିୟ ଅଂଶଗ୍ରହଣ କରିଥିଲେ । ଏହି ଶିବିରରେ ୩୦ ୟୁନିଟ୍ ରକ୍ତ ସଂଗୃହିତ ହୋଇଛି । ରକ୍ତଭଣ୍ଡାର ପକ୍ଷରୁ ଡ. ଜି.ପ୍ରଶ୍ୟୁମ୍ନଗୋୟା ଓ ଅନ୍ୟାନ୍ୟ କର୍ମଚାରୀ ଯୋଗ ଦେଇ ଥିଲେ । ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଅଣଶିକ୍ଷକ, କଲେଜର ଅନ୍ୟ କର୍ମଚାରୀ ଯଥା ରଷ୍ଟ୍ରିରୋଷା ସାମନ୍ତରାୟ, ଶିଖା ଦାସ, ଜାବ୍ୟାଶ୍ରୀ ମହାପାତ୍ର, ରୁପାଲି ଚୌଧୁରୀ, ଶ୍ରୀତିପ୍ରଜ୍ଞା ବାରିକ, ନମିତା ପ୍ରଧାନ, ରଘୁପର୍ଣ୍ଣା ଜେନା, ରାଧାନଲୁଲ୍ଲ ଦଳାଇ, ପ୍ରେମସୀ ମହାପାତ୍ର, ବାସନ୍ତୀ ମାହାର୍ଣ୍ଣା, ଭାସ୍ୱର ଚନ୍ଦ୍ର ବାରିକ, ନିରଞ୍ଜନ ବାରିକ, ସୋମନାଥ କର ପ୍ରମୁଖ ବିଶେଷ ସହଯୋଗ ପାଇଁ କାର୍ଯ୍ୟକ୍ରମ ସଂଗଠନ ହୋଇପାରିଥିଲା ।

ନାହିଁ ନାହିଁରେ ଚାଲିଛି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର

ବାଲିଆପାଳ, ୨୪/୦୨ (ଆ.ପ୍ର) : ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଭିତରେ ଛଅ ସ୍ତ୍ରିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ବିଭିନ୍ନ ସମସ୍ୟା ଭିତରେ ଗତି କରୁଛି । ଫଳରେ ଜନସାଧାରଣ ସ୍ୱାସ୍ଥ୍ୟ ସେବାରୁ ବଂଚିତ ହେଉଛନ୍ତି । ଏନେଇ ମଙ୍ଗଳବାର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ପରିସରରେ ସୂଚନା ଅଧିକାର ସଂଘ ପକ୍ଷରୁ ଏକ ଖବରବାଟ ସଚ୍ଚିନଳୀ ଅନୁଷ୍ଠିତ ହୋଇଯାଇଛି । ଏହି ହସ୍ପିଟାଲକୁ ବାଲିଆପାଳ, ବଣ୍ଡା, ଜଳେଶ୍ୱର, ଭୋଗରାଇ ବ୍ଲକରୁ ହଜାର ହଜାର ରୋଗୀ ମାନେ ଚିକିତ୍ସିତ ହେବା ପାଇଁ ନିର୍ଦ୍ଦେଶ କରିଥାନ୍ତି । ମାତ୍ର ଏଠାରେ ମେଡିସିନ, ପ୍ରସୂତି, ସର୍ଜରୀ ପ୍ରଭୃତି ବିଶେଷଜ୍ଞ ଡାକ୍ତର ନଥିବାରୁ ରୋଗୀମାନଙ୍କୁ ବାଲେଶ୍ୱର ଜିଲ୍ଲା ସ୍ୱାସ୍ଥ୍ୟ କେନ୍ଦ୍ରକୁ ରେଫର ହେବାକୁ ପଡ଼ିଥାଏ । ଯାହା ଫଳରେ ଜନସାଧାରଣ ଅଧିକ ଖର୍ଚ୍ଚାନ୍ତ ହେବା ସହିତ ହଇରାଣ ହେଉଛନ୍ତି । ବିଭିନ୍ନ ବିଭାଗର ଡାକ୍ତର ନଥିବା ବେଳେ ଜଣେ ଶିଶୁ ବିଭାଗ ଡାକ୍ତରଙ୍କ ଦ୍ୱାରା ଚାଲିଛି ସ୍ୱାସ୍ଥ୍ୟ କେନ୍ଦ୍ର । ଏହା ବ୍ୟତୀତ ଇସିଜି, ଏକ୍ସେ, ଅଲଟ୍ରାସାଉଣ୍ଡ ଏହି ତିନି ବିଭାଗରେ ନିଯୁକ୍ତି ପାଇଁ ଥିବା ଟେକ୍ନିସିଆନ ମାନଙ୍କୁ ବାଲେଶ୍ୱର ଜିଲ୍ଲା ହସ୍ପତାଲକୁ ବଦଳି କରାଯାଇଛି । ତୁରନ୍ତ ସରକାର ଏହାକୁ ବିଚାରକୁ ନେଇ ବିଶେଷଜ୍ଞ ଓ ଟେକ୍ନିସିଆନଙ୍କୁ ନିଯୁକ୍ତି ଦେଇ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ ସ୍ତ୍ରିତ ଅବସ୍ଥା ବଜାୟ ରଖିବା ପାଇଁ ଖବରବାଟ ସଚ୍ଚିନଳୀ ମାଧ୍ୟମରେ ନିବେଦନ କରିଛନ୍ତି ସଂଘର ସଭାପତି ଅନୁଜ କୁମାର ମହାପାତ୍ର ।

ବିଜେପିରେ ଯୋଗ ଦେବେ ପୂର୍ବତନ ମନ୍ତ୍ରୀ ଦିବଂଗତ ଅନନ୍ତ ଦାସଙ୍କ ପୁଅ ଅଭିଜିତ

ଭୋଗରାଇ, ୨୪/୦୨ (ଆ.ପ୍ର) : ପୂର୍ବତନ ମନ୍ତ୍ରୀ ତଥା ଭୋଗରାଇରୁ ବିଜେଡି ବିକେଟରେ ଚଢି ଚାରି ଥର ବିଧାନସଭାକୁ ନିର୍ବାଚିତ ହୋଇଥିବେ ଦିବଂଗତ ଅନନ୍ତ ଦାସ । ସେ ଦୁଇ ଥର ମନ୍ତ୍ରୀ ମଧ୍ୟ ହୋଇଥିଲେ । ତାଙ୍କ ପୁଅ ଅଭିଜିତ ଦାସ ବିଜେପିରେ ମିଶିବେ । ଅଭିଜିତ ନିଜେ ଏହି ସୂଚନା ଦେଇଛନ୍ତି । ସେ ଗତ ରବିବାର ବିକାଳିତ ରାତିରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ସହିତ ଯାଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଥିଲେ ଏବଂ ତାଙ୍କ ବାପାଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଯୋଗଦେବାକୁ ନିମନ୍ତ୍ରଣ କରିଥିଲେ । ଏହା ସହିତ ଭୋଗରାଇର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟରେ ସହଯୋଗ କରିଆସୁଛନ୍ତି । ତା'ସହିତ ସ୍ଥାନୀୟ ବିଜେପି ନେତାମାନଙ୍କ ସହିତ ମିଶି କାର୍ଯ୍ୟ କରୁଛନ୍ତି । ଶୁଭଶୀଘ୍ର ସେ ଔପଚାରିକ ଭାବେ ବିଜେପିରେ ଯୋଗଦେବେ । ଏ ନେଇ କାର୍ଯ୍ୟକ୍ରମ ଚାଲିଛି ବୋଲି ସେ କହିଛନ୍ତି । ଅଭିଜିତଙ୍କ ସହିତ ତାଙ୍କ ପରିବାର ଲୋକେ ତଥା ସମର୍ଥକମାନେ ବିଜେପିରେ ମିଶିବେ ବୋଲି ଜଣାରା ମିଳିଛି । ଭୋଗରାଇର ଜନୁତି ତାଙ୍କର ତଥା ତାଙ୍କ ପରିବାରର ମୂଳ ଲକ୍ଷ୍ୟ ବୋଲି ସେ କହିଛନ୍ତି । ଭୋଗରାଇରେ ତାଙ୍କ ବାପା ବହୁତ କାମ କରିଛନ୍ତି । ଯେଉଁ କାମ ବାକି ରହିଛି ତଥା ବାପାଙ୍କ ଅଧୂରା ସ୍ୱପ୍ନ ପୂରଣ କରିବା ପାଇଁ ସେ ଚାହୁଁଥିବା କଥା ପ୍ରତିକ୍ରିୟାରେ କହିଛନ୍ତି ।

ଗୋଚର ଜମିକୁ ପୋଖରୀ ଖୋଳି ମାଟି ବିକ୍ରୀ ପାଇଁ ଅନୁମତି ଦେଇଛି କିଏ ?

ବାଲିଆପାଳ, ୨୪/୦୨ (ଆ.ପ୍ର) : ବାଲିଆପାଳ ବ୍ଲକରେ ବିଭିନ୍ନ ସ୍ଥାନରେ ଅବାଧରେ ଚାଲିଛି ବେଆଇନ ମାଟି କାରବାର ପ୍ରଶାସନ ସବୁ ଜାଣି ମଧ୍ୟ ନୀରବ ରହୁଛି । ମାଟି ମାଫିଆମାନେ ସରକାରୀ ଏ ବେସରକାରୀ ଜାଗାରୁ ମନ ଇଚ୍ଛା ମାଟି ତାଡ଼ି ଚଢା ଦରରେ ବିକ୍ରି କରି ମାଲୋମାଲ ହେଉଛନ୍ତି । ଫଳରେ ସରକାର ଲକ୍ଷାଧିକ ଟଙ୍କାର ରାଜସ୍ୱ ହରାଉଛନ୍ତି । ମାଟି ମାଫିଆମାନେ ହାସିମପୁର, ପାଳଜାମଜୁଣ୍ଡା, ବିଷ୍ଣୁପୁର, କୁଦାମାନସିଂ, ଫଂଚରୁଣ୍ଡା,ପାନପଡା ଆଦି ସ୍ଥାନରେ ମାଟି ଉତ୍ତୋଳନ କରୁଥିବାବେଳେ ଗ୍ରାମବାସୀ ବିରୋଧ କରିବାରୁ କିଛି ଅସାମାଜିକ ଯୁବକଙ୍କୁ ହାତ ବାଧିସୀ ଜଗି ଲୋକମାନଙ୍କୁ ଧମକ ଚମକ ଦେଉଥିବା ନେଇ ଅଭିଯୋଗ ହେଇଛି । ଫଳରେ ସାଧାରଣ ଲୋକଙ୍କର ବିଚୁଧାଲାସ ପ୍ରାଶାସନ ପାଖରେ ପଂଚିପାରୁ ନାହିଁ ହାସିମପୁର ଗ୍ରାମରେ ପୂର୍ବତନ ବିଧାୟକ ସରଗଡଘଟ ଜୟନାରାୟଣ ମହାନ୍ତିଙ୍କ ଘର ସମ୍ମୁଖରେ ଆଜକୁ ୭ ଦିନ ହେଲା ଦୁଇ ତିନି ଏକର ପରିମିତ ଏକ ଗୋଚର ଜମିରୁ ବେଧଡକ ଭାବରେ ଦିନ ରାତି ମାଟି ତାଡି ପୋଖରୀ ଖୋଳାଯିବା ସହ ଖୋଲାଖୋଲି ଭାବେ ମାଟି ବିକ୍ରି ହେଉଛି । ଏହି ସ୍ଥାନଟି ମଧ୍ୟପୁରୀ ଆର ଆଇ କାର୍ଯ୍ୟାଳୟ ଠାରୁ ୫୦୦ ମିଟର ଏବଂ ବାଲିଆପାଳ ତହସିଲ ଠାରୁ ଏକ କିଲୋମିଟର ଦୂରତାରେ ରହିଥିବା ବେଳେ ବାରମ୍ବାର ଅଭିଯୋଗପରେ ମଧ୍ୟ ଏହା ଉପରେ ରୋକ ଲାଗି ପାରୁନାହିଁ । ସରକାରୀ ଗୋଚର ଜାଗାରେ ପୋଖରୀ ଖୋଳିବା କାମ କାହା ଅନୁମତିରେ ହେଉଛି ବୋଲି ବୁଦ୍ଧିଜୀବୀ ମାନେ ପ୍ରଶ୍ନ କରିଛନ୍ତି । ମାଟି ଭଟ୍ଟି ଉତ୍ତୋଳନ ସ୍ଥାନ ଥାନା ଏବଂ ତହସିଲ କାର୍ଯ୍ୟାଳୟ ନିକଟବର୍ତ୍ତୀ ହୋଇଥିବାରୁ ମାଫିଆମାନେ ପ୍ରଶାସନର ମଧ୍ୟରୁହିଁ କାରେ ବେଆଇନ କାମ ଚଳାଉଛନ୍ତି ବୋଲି ଜଳ କଳାରେ ଚର୍ଚ୍ଚା ହେଉଛି । ଏସମ୍ପର୍କରେ ମଧ୍ୟପୁରୀ ଆର ଆଇ ନଟରଞ୍ଜନ ଦତ୍ତଙ୍କୁ ପଚାରିବାରୁ ସେ ଘଟଣା ସ୍ଥଳକୁ ଯାଇ ଏ ସମ୍ପର୍କରେ ତହସିଲଦାରଙ୍କୁ ରିପୋର୍ଟ ପ୍ରଦାନ କରିବେ ବୋଲି କହିବା ସହିତ ପରୋକ୍ଷରେ ଏହା ବନ୍ଦ କରିବା ମାଲନ୍ଦ ବିଭାଗର ଦାୟିତ୍ୱ ବୋଲି କହିଛନ୍ତି । ସେହିପରି ବାଲିଆପାଳ ବ୍ଲକ ଦାୟିତ୍ୱରେ ଥିବା ମାଲନ୍ଦ ଅଧିକାରୀଙ୍କ ପ୍ରଶ୍ନକୁ ହାତ ଗଣିଥିବା ଅଲି ଯୋଗ ହୋଇଛି । ତେବେ ଘଟଣା ସମ୍ପର୍କରେ ତହସିଲଦାର ଜ୍ୟୋତ୍ସ୍ନା ରାଣୀ ନାୟକଙ୍କୁ ଯୋଗାଯୋଗ କରିବାରୁ ପ୍ରତିକ୍ରିୟାରେ କହିଛନ୍ତି ସ୍ଥାନୀୟ ଆରଆଇଙ୍କୁ ମାଫିଆମାନଙ୍କ ବିରୁଦ୍ଧରେ ତଦନ୍ତ କରି ବୃହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ 'ମହାବିଦ୍ୟାଳୟ ଅଧ୍ୟକ୍ଷ ମାନଙ୍କ ସମ୍ମେଳନ' ଅନୁଷ୍ଠିତ

ନୀଳଗିରି, ୨୪/୦୨ (ଆ.ପ୍ର) : ଫକୀରମୋହନ ବିଶ୍ୱବିଦ୍ୟାଳୟର ମହାବିଦ୍ୟାଳୟ ଉନ୍ନୟନ ପରିଷଦ ପକ୍ଷରୁ ଅଧିନସ୍ଥ

ଶ୍ରମଜୀବୀ
ସେଇଠୁ ଆରମ୍ଭ
SEITHO ARAMBHA
ବୁଧବାର, ୨୫ ଫେବୃୟାରୀ,୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ମାନବିକତା

ଯେଉଁଠି ପୁଅ,ଝିଅ,ବୋହୂ ନିଜ କର୍ତ୍ତବ୍ୟକୁ ସୁଚାରୁ ରୂପେ ସମ୍ପାଦନ ପୂର୍ବକ ପିତାମାତା ଜିମ୍ମା ଶାଶୁଶ୍ୱଶୁରଙ୍କ ଉଚିତ ଯତ୍ନ ଦେଖାଶୁଣା କରନ୍ତି, ଗୁରୁଜନଙ୍କୁ ସମୁଚିତ ସମ୍ମାନ ପ୍ରଦାନ ସହ ନିଜଠୁ ସାନ ମାନଙ୍କୁ ସ୍ନେହଶ୍ରଦ୍ଧା ଦିଅନ୍ତି;ସେଇଠି ଏହାର ସଂପୂର୍ଣ୍ଣ ଶ୍ରେୟ ସେମାନଙ୍କ ପିତାମାତାଙ୍କୁ ହିଁ ଦିଆଯାଏ । ଯେତେ ଅଧିକ ପାଠ ପଢ଼ି ଯେତେ ଉଚ୍ଚ ଶିକ୍ଷିତ ହେଲେ ହେଁ ଛୋଟ ସମୟରୁ ପିତାମାତାଙ୍କ ସଂସ୍କାରପୂର୍ଣ୍ଣ ଲାଳନପାଳନ ହିଁ ଜଣକୁ ଉତ୍ତମ ମଣିଷର ଚରିତ୍ର ପ୍ରଦାନ କରେ । ତେଣୁ ପ୍ରତି ଭଲ ମଣିଷଙ୍କ ଜୀବନରେ ପିତାମାତାଙ୍କ ଭୂମିକା ସବୁଠାରୁ ମହତ୍ୱପୂର୍ଣ୍ଣ । ଭାରତୀୟ ସଂସ୍କୃତିରେ ପିତାମାତାଙ୍କୁ ଭଗବାନଙ୍କ ରୂପ ଭାବରେ ବିବେଚନା କରାଯାଏ । ପିତାଙ୍କୁ ଧର୍ମ ଓ ସ୍ୱର୍ଗ ବୋଲି କୁହାଯାଇଥିବା ବେଳେ ମାତାଙ୍କୁ ସ୍ୱର୍ଗ ଠାରୁ ମଧ୍ୟ ଗରିୟସୀ ମଣାଯାଏ । ତେଣୁ ନିଜ ପିତାମାତାଙ୍କୁ ପୂଜା କଲେ ଅନ୍ୟ କୌଣସି ଦେବତାଙ୍କୁ ଆରାଧନା କରିବାର ଆବଶ୍ୟକତା ଆଉ ନଥାଏ । ଆମ ପୁରାଣାଦିରେ ପିତାମାତାଙ୍କ ପ୍ରତି ନିବିଡ଼ ଅନୁରାଗର ଅନେକ ପ୍ରେରଣାପ୍ରଦ ବର୍ଣ୍ଣନା ରହିଛି । ଯାହା ପିତାମାତା ଓ ସନ୍ତାନସନ୍ତତିଙ୍କ ଗଭୀର ସଂପର୍କକୁ ସଦା ଜଜ୍ଜିବିତ କରିଆସିଛି । ପିତାମାତାଙ୍କ ପ୍ରତି ମୁନି କୁମାର ଶ୍ରବଣଙ୍କ ସମର୍ପିତ ଭାବକୁ କିଏ ଅବା ବିସ୍ମରି ପାରିବ । ଅନ୍ଧ ପିତା ଶାନ୍ତନୁ ଓ ଅନ୍ଧୁଣୀ ମାତା ଜ୍ଞାନବତୀ ଅତ୍ୟନ୍ତ ବୃଦ୍ଧାବସ୍ଥାରୁ ଆସି ଯାଇଥିବା ବେଳେ ଥରେ ସେମାନେ ତୀର୍ଥ ଭ୍ରମଣକୁ ଇଚ୍ଛା କରିଥିଲେ । ବିଶ୍ୱାସ ରହିଛି ଯେ, ବାର୍ଦ୍ଧକ୍ୟର ସମୟରେ ତୀର୍ଥଯାତ୍ରା ଜଲେ ଆତ୍ମା ପବିତ୍ର ହେବା ସହ ଶାନ୍ତି ପ୍ରାପ୍ତ ହୋଇଥାଏ । କିନ୍ତୁ ଅନ୍ଧ ରାଣି ଦମ୍ପତିଙ୍କ ନିକଟରେ ସେତେବେଳେ ତୀର୍ଥ ଭ୍ରମଣର କୌଣସି ସାଧନା ନ ଥିଲା । ତେଣୁ ପିତାମାତାଙ୍କ ସୁଯୋଗ୍ୟ ସନ୍ତାନ ଶ୍ରବଣ ବୁଦ୍ଧିରେ ବୁଦ୍ଧିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ କାନ୍ଧରେ ବୋହି ତୀର୍ଥ ବୁଲେଇ ଥିଲେ । ସେହିଭଳି ରାଜା ଦଶରଥଙ୍କ ଆଖିର ପିତୁଳା ପୁତ୍ରଶ୍ରୋଷ୍ଠମ ଶ୍ରୀରାମଚଂଦ୍ର ରାତି ପାହିଲେ ରାଜା ହେବା ପରିବର୍ତ୍ତେ ପିତୃସତ୍ୟ ପାଳନ ପାଇଁ ସନ୍ନ୍ୟାସି ବେଶ ଧରି ଚଉଦ ବର୍ଷ ନିମିତ୍ତ ବନଗମନ କରିଥିଲେ । ଆମର ମହାନ ଗୁରୁ ମହାଭାରତର ବୀରଶ୍ରେଷ୍ଠ ଭୀଷ୍ମଙ୍କ ପିତାଙ୍କ ପ୍ରତି ଅଟଳ ଆଗ୍ରହୀ ଥିବା ବେଳେ ଶାନ୍ତନୁଙ୍କ ଜ୍ୟେଷ୍ଠ ପୁତ୍ର ଭୀଷ୍ମ ପରି ପରମ ବୀର ପୁତ୍ର ଥାଉଥାଉ ସେମାନଙ୍କ କନ୍ୟାର ସନ୍ତାନର ଯେ ସିଂହାସନୁର ରାଜା ହେବାର କୌଣସି ସୁଯୋଗ ହିଁ ନାହିଁ ଜାଣି କନ୍ୟାପିତା ମାନେ ଶାନ୍ତନୁଙ୍କ କନ୍ୟା ପ୍ରଦାନରେ ଅସମ୍ମତ ହେବା ସ୍ୱାଭାବିକ ଥିଲା । ଏକଥା ଜ୍ୟେଷ୍ଠ ଜାଣିବା ମାତ୍ରେ ପିତାଙ୍କ ଅଭିଳାଷ ପୂରଣ ନିମନ୍ତେ ନିଜର ସମସ୍ତ ମାୟା ମୋହକୁ ସମର୍ପଣ କରି ଛାଡି ସନ୍ନାରେ ଘୋଷଣା କରି ଦେଲେ ଯେ, ସେ ଜୀବନରେ କେବେ ରାଜପଦ ଗ୍ରହଣ କରିବେ ନାହିଁ । ପିତା ପ୍ରତି ପୁତ୍ରର କର୍ତ୍ତବ୍ୟ ନିକଟରେ ଚକ୍ରବର୍ତ୍ତୀ ସମ୍ରାଟ ହୋଇ ରାଜଗାଦି ଭୋଗ କରିବାର ମୋହ ଏଠାରେ କେତେ ତୁଚ୍ଛ ମନେ ହେଲା । ଅନ୍ୟତ୍ର ଏକ ଘଟଣାରେ ମାଆ ଓ ପୁଅ ମଧ୍ୟରେ ଥିଲା ଅନାବିଳ ସ୍ନେହ । ପୁଅଟି ସମୟକ୍ରମେ ସୁନ୍ଦର ଓ ବୁଦ୍ଧିମାନ ଯୁବକରେ ଉପନିତ ହେଲା । ଏହା ସତ୍ତ୍ୱେ ମାଆ କିନ୍ତୁ ଖୁସି ନଥିଲା । ପ୍ରାୟତଃ ତା ପୂର୍ବରେ ଦୁଃଖର ଛାୟା ସ୍ପଷ୍ଟ ବାଜି ହେଉଥିବା ଦେଖି ଦିନେ ପୁଅ ମାଆକୁ ଏହାର କାରଣ ପଚାରିଲା । ମାଆ କହିଲା ପୁଅରେ, ତୁ ଛୋଟ ଥିଲା ବେଳେ ଜଣେ ଜ୍ୟୋତିଷ ତୋ ଛାମୁ ବାଉ ଦେଖି ଭବିଷ୍ୟବାଣୀ କରିଥିଲେ ଯେ, ଭବିଷ୍ୟତରେ ତୁ ଜଣେ ପ୍ରସିଦ୍ଧ ବ୍ୟକ୍ତି ଭାବରେ ସବୁଠି ଖ୍ୟାତି ଅର୍ଜନ କରିବୁ । ଏହା ଶୁଣି ପୁଅ କହିଲା- ଏହା ତ ଖୁସିର କଥା, ଏଥିରେ ତୋର ଦୁଃଖ କେଉଁଠି ରହିଲା ? ମାଆ କହିଲା ଏହା ନିଶ୍ଚିତ ଖୁସିର କଥା କିନ୍ତୁ ଯେତେବେଳେ ପ୍ରସିଦ୍ଧ ଲାଭ କରିବୁ, ତୁ ତ'ଣ ପୂର୍ବ ପରି ମୋତେ ସ୍ନେହ କରି ପାରିବୁ । ମୋତେ ଏକୁଟିଆ ଛାଡ଼ି ତୁ ତୋ ରାସ୍ତାରେ ଯଦି ଚାଲିଯାଉ, ତେବେ ମୁଁ ବଂଚିବି କେମିତି । ଏହି ଚିନ୍ତା ମୋତେ ସବୁ ବେଳେ ଘାରୁଛି ପୁଅ । ମାଆ ଠାରୁ ଏହା ଶୁଣି ପୁଅଟି କୋହ ସମ୍ଭାଳି ପାରିଲା ନାହିଁ । ସାଙ୍ଗେ ସାଙ୍ଗେ ପୁଅଟି ଘର ବାହାରକୁ ଚାଲିଆସି ଗୋଟିଏ ପଥରରେ ତା'ପାଟିର ସାମନା ବୁଜିଟି ବାନ୍ଧକୁ ଛେଚି ଲାଗି ବେଶା । ଏବେ ପୁଅର ପାଟିରୁ ଧାରଧାର ରକ୍ତ ବୋହିବାକୁ ଲାଗିଲା । ପଛେପଛେ ବାହାରକୁ ଆସୁଥିବା ମାଆ ପୁଅର ଏ ଅବସ୍ଥା ଦେଖି ବିଚଳିତ ହୋଇ ପଚାରିଲେ ତୁ ଏ ତ'ଣ କଲୁ ? ପୁଅଟି ଉତ୍ତର ଦେଲା ଯଦି ଏଇ ଛାମୁ ବାନ୍ଧ ବୁଜଟି ତୋର ଦୁଃଖର କାରଣ, ତା'ହେଲେ ମୋର ଏମିତି ବାନ୍ଧ ଦରକାର ନାହିଁ । ମୁଁ ଆଦୌ ପ୍ରସିଦ୍ଧି ଲାଭ କରିବାକୁ ଚାହେଁ ନାହିଁ । ମୁଁ କେବଳ ତୋ ପାଖେ ପାଖେ ରହି ତୋ ସେବା କରିବାକୁ ଚାହେଁ । ଏ ଘଟଣାର ପୁଅ ଜଣକ ହେଉଛନ୍ତି ବିଚକ୍ଷଣ ପ୍ରତିଭାର ଅଧିକାରୀ ବିଶ୍ୱବିଖ୍ୟାତ ଚାଣକ୍ୟ । ପିତାମାତା ଓ ସନ୍ତାନସନ୍ତତିଙ୍କ ସ୍ନେହ,ପ୍ରେମ ଯୁଗେଯୁଗେ ଅବର୍ଣ୍ଣନୀୟ । ଥରେ ଜଣେ ବୃଦ୍ଧ ସ୍ୱାମୀ ବିବେକାନନ୍ଦଙ୍କୁ ପଚାରିଲେ, ମାଆକୁ କାହିଁକି ପୂଜନୀୟା ବୋଲି କୁହାଯାଏ ।

ପ୍ରେମ ଓ ଶାନ୍ତିର ବାର୍ତ୍ତା

॥ ବିକ୍ରମ କେଶରୀ ବିଶ୍ୱାଳ ॥

ଆଜି ବିଶ୍ୱ ଭାଲେ[ାଳନ ତେ ତଥାକଥିତ ଭାବେ ବିଭିନ୍ନ ଭାବ, ବିଭିନ୍ନ ବାଦକୁ ଅନୁଭବ ହେଉଛି । ହେଲେ ଆମେ ସମସ୍ତେ ଭୁଲି ଯାଉଛେ ଯେ ବାସ୍ତବରେ ପ୍ରେମ କ'ଣ ? ପ୍ରେମ କେବଳ ଲିଖିତାର ଟୁଟଗେରର ବାହାନା ବା ବେହଭାବର ଭାବାର୍ଥ ନୁହେଁ । ଏହା ଅତ୍ୟନ୍ତ ପ୍ରାସଙ୍ଗିକ ଓ ମୂଲ୍ୟବୋଧଭିତିକ ତଥା ଅନୁପ୍ରେରଣୀୟ । ଯେଉଁ ସାଧନା କରିଲେ ହୃଦୟରେ ପ୍ରେମ ଆସେ ତାହା ହିଁ କରିବା ଉଚିତ ।

ପ୍ରେମ ଓ ଶାନ୍ତି ହିଁ ମନୁଷ୍ୟର ଜୀବନକୁ ସୁଖମୟ କରିଦିଏ । ଏହି ପ୍ରେମ ଓ ଶାନ୍ତି ପାଇଁ ଆମକୁ ଜେତେଗୁଡ଼ିଏ ଦିଗ ପ୍ରତି ଗୁରୁତ୍ୱ ଦେବାକୁ ହେବ । ସେହି ସରଳ ମାର୍ଗ ଗୁଡ଼ିକ ହେଉଛି ସବୁବେଳେ ମନେରଖିବୁ ଈଶ୍ୱରଙ୍କ ପ୍ରତି ଭକ୍ତିଭାବ ରଖିବା ସହ ନିଜକୁ ସବୁବେଳେ ଭାଗବାନ ମନେ କରିବା ଉଚିତ । ଏହାସ୍ୱାରା ମନ ମଧ୍ୟରୁ ସବୁ ଗ୍ଲାନି ଦୂର ହୋଇଯାଏ । ଏହାସବୁ ଅସଫଳତାକୁ ଦୂର କରିବାରେ ସହାୟକ ହୋଇଥାଏ । ଆଜିର ଏହି ବ୍ୟସ୍ତବହୁଳ ଜୀବନରେ ନିଜ ପାଇଁ କିଛି ସମୟ ରଖିବା ଉଚିତ । ଶାନ୍ତ ଓ ନିରୋଳାରେ କିଛି ମୁହୂର୍ତ୍ତ ବ୍ୟକ୍ତିର ସୃଜନଶୀଳତାକୁ ବୃଦ୍ଧି କରିବା ସହ ଏକାଗ୍ରତା ବୃଦ୍ଧି କରିଥାଏ । କେବଳ ସେତିକି ନୁହେଁ ଏହାଦ୍ୱାରା ଜୀବନର ଗୁଣାତ୍ମକତା ବୃଦ୍ଧି ହୋଇଥାଏ । ବର୍ଷ ପରେ ବର୍ଷ ବିତି ଚାଲିଛି । ସମୟ ଚକ୍ରରେ ବ୍ୟକ୍ତିର ଜୀବନ ହେଉଛି ଏକ ଛୋଟ ଅଣୁ ପରି । ଏହା ସହ ଜୀବନ ହେଉଛି କ୍ଷଣସ୍ଥାୟୀ । ଏପରି ଭାବିବା ଦ୍ୱାରା ମନର ସଂକୀର୍ଣ୍ଣତା ଦୂର ହୋଇଯାଏ । ଫଳରେ ବ୍ୟକ୍ତି ପ୍ରତ୍ୟେକ ମୁହୂର୍ତ୍ତକୁ ଉପଭୋଗ କରିପାରେ । ମନରେ ସବୁବେଳେ ଦୟାଭାବ ରଖିବା ଉଚିତ । ଏହାସହ କୌଣସି ଆଶା ନରଖି ଅନ୍ୟର ସେବା କରିବା ଉଚିତ । ଏହା ଜୀବନରେ ଶାନ୍ତି ଓ ପ୍ରେମକୁ ବଢ଼ାଇବାରେ ସହାୟକ ହୋଇଥାଏ । ହସ ମନୁଷ୍ୟର ବ୍ୟକ୍ତିତ୍ୱ ବିକାଶରେ ସହାୟକ ହୋଇଥାଏ । ପ୍ରତ୍ୟେକ ଦିନ ସକାଳେ ଦର୍ପଣରେ ନିଜକୁ ଏକ ଛୋଟ ହସ ଉପହାର ଦେଇ ଦିନରୁ ଶୁଭାରମ୍ଭ କରିବା ଉଚିତ । ଏହାସହ ପ୍ରତିଦିନ ଭେଟୁଥିବା ବ୍ୟକ୍ତିଙ୍କୁ ମଧ୍ୟ ଏହି ଉପହାର ଦେବା ଉଚିତ । ଏହା ବ୍ୟକ୍ତିଙ୍କୁ ଶାନ୍ତ କରିବାରେ ସହାୟକ ହୋଇଥାଏ । ଏହା ବ୍ୟକ୍ତିର ସହ ଆତ୍ମବିଶ୍ୱାସକୁ ମଧ୍ୟ ବଢ଼ାଇଥାଏ । ସେହିପରି ବ୍ୟକ୍ତି ମନର ଶାନ୍ତି ପାଇଁ ପ୍ରତିଦିନ ଧ୍ୟାନ ଅଭ୍ୟାସ କରିବା ଉଚିତ । ଏହାମନରେ ଗଭୀର ବିଶ୍ୱାସ ଆଣିବା ସହ ମନକୁ ଜଗୁଯୁକ୍ତ ବିଶ୍ରାମ ପ୍ରଦାନ କରିଥାଏ । କେବଳ ସେତିକି ନୁହେଁ ସବୁବେଳେ ନିଜକୁ ଜଣେ ଛାତ୍ର ଭାବେ ମାନିବା ଉଚିତ । ଏହା ମନକୁ ଅହଂ ଭାବ ଦୂର କରିଥାଏ । ଛାତ୍ର ଭଳି ସବୁବେଳେ ଜିଜ୍ଞାସୁ ହେବା ଉଚିତ । କାରଣ ପ୍ରତ୍ୟେକ ବସ୍ତୁରୁ ବ୍ୟକ୍ତି କିଛି ନା କିଛି ଶିକ୍ଷା ଗ୍ରହଣ କରିଥାଏ । ଉପରୋକ୍ତ ଦିବ୍ୟ ଚିନ୍ତନର ମାର୍ଗ ଆମ ସମସ୍ତଙ୍କ ଜୀବନକୁ ଆଧ୍ୟାତ୍ମିକମୟ ଓ ଆନନ୍ଦରେ ଭରି ଦେବ ନିଶ୍ଚୟ ଏହି କାମନା କରିବା ।

ପ୍ରେମ ଈଶ୍ୱରଙ୍କର ଏକ ନୈସର୍ଗିକ, ଚିର ଶାଶ୍ୱତ ଦାନ । ପ୍ରେମାସ୍ପଦଙ୍କ ପାଖରେ ପ୍ରେମିକ ତାର ସର୍ବସ୍ୱକୁ ଅଞ୍ଜଳି ଦେଇଦିଏ । ପ୍ରେମର କୌଣସି ପ୍ରତିଦାନ ନାହିଁ, ଏହା ନିସର୍ତ । ଆଜିକାଲିର ବସ୍ତୁବାଦୀ, ଭୋଗବାଦ, ସଂସ୍କୃତି ମୂଲ୍ୟବୋଧ ଦିନକ୍ଷଣ ସଙ୍ଗରକ୍ଷଣରେ ପଞ୍ଚଭୂତ୍ୱବାବେଳେ ଶରୀର ସର୍ବସ୍ୱ ପ୍ରେମକୁ ପ୍ରାଥମିକତା ଦିଆଯାଉଥିବାବେଳେ ନିଃସ୍ୱାର୍ଥ ଓ ଆତ୍ମ ସମର୍ପଣ ଭାବନାମୂଳ ପ୍ରେମ କେବଳ ହିଁ ଅତିନବନୀୟ ଓ ନିଜ ଗୁରୁ ବା ଈଶ୍ୱର ପ୍ରତି ଶ୍ରେଷ୍ଠ ସମର୍ପଣ । ଦ୍ୱାପରରେ ଶ୍ରୀରାଧାଙ୍କ କୃଷ୍ଣଭକ୍ତି ଓ ସମର୍ପଣର ଯେଉଁ ଶାଶ୍ୱତତା ତାହା ତ୍ରେତୟାରେ ପାର୍ବତୀ ଅନନ୍ୟାର ଶିବପ୍ରତିଶୀତ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ପ୍ରତି ଯେଉଁ ଭାବନାମୂଳ ଥିଲା ତାହାକୁ ଭାବିଲେ ଆଜିର ସମୟରେ ଏହା ନିଷ୍ଠିକ ଭାବରେ ଅତିନବନୀୟ । ନିଜ ଆରାଧ୍ୟ ପ୍ରିୟ ପରମ ପୁରୁଷ ଈଶ୍ୱର ପ୍ରତି ସତ୍, ଚିତ୍, ଶାଶ୍ୱତ ଭାବନାର ସମର୍ପଣ ଦ୍ୱାରା ହିଁ ଈଶ୍ୱରପ୍ରାପ୍ତି ସମ୍ଭବ । ଆଜି ତଥାକଥିତ ପାଶ୍ଚାତ୍ୟ ସଂସ୍କୃତିର ଭାଲେ[ାଳନ ଦିବସର ଅନ୍ତର୍ନିହିତ ତାତ୍ପର୍ଯ୍ୟତା କ'ଣ ? ପ୍ରେମ କ'ଣ କେବଳ ଶାରିରୀକ, ଏହା କ'ଣ କେବଳ ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ନିହିତ । ଗୁରୁ-ଶିଷ୍ୟ, ଇଷ୍ଟ-ଅନୁରାଗ, ମାଲିକ-ନୌକର, ପିତା-ପୁତ୍ର, ସ୍ୱାମୀ-ସ୍ତ୍ରୀ, ଭାଇ-ଭଉଣୀ, ବନ୍ଧୁ-ବନ୍ଧୁ ଭିତରେ ମା'-ପୁତ୍ରଙ୍କ ପ୍ରେମ ଭାଳି ଦେଖିଲେ ? ମା'ର ପ୍ରତିଟି ମୁହୂର୍ତ୍ତ ତା ବାଳକାଳପ୍ରେମ ପିଲାଙ୍କ ପାଇଁ ହିଁ ପ୍ରତି ନିୟତରେ ଅମୃତବଲା । ଆସନ୍ତୁ ଏପରି ଏକ ଦିନରେ ତଥାକଥିତ ଭାଲେ[ାଳନ ପ୍ରେମକୁ ଜନାଜଣାଳି ଦେଇ ବିଶ୍ୱ ପିତାଙ୍କ ଶାଶ୍ୱତ ପ୍ରେମକୁ ଆବାହନ କରିବା । ଏହା ଭିତରେ ନିମଜ୍ଜିତ ହୋଇ ତାଙ୍କୁ ପାଇବାର ଯେଉଁ ଅମୃତ ଚେତନା ତାହାକୁ ବିଶ୍ୱ କଲ୍ୟାଣ ପାଇଁ ସମର୍ପଣ କରିବା ଏହା ହିଁ ଆଜିର ଦିବସର ଅନୁଚିନ୍ତନ ହେଉ ।

ଯାଜପୁର ରୋଡ଼, ଯାଜପୁର, ଦୂରଭାଷ : ୯୯୩୮୫୩୬୦୭୬

ମାନବ ସେବାରେ ଆକାଶବାଣୀ

॥ ଡ଼ଃ.ଅରୁନ୍ଧତୀ ଦେବୀ ॥

ରେଡ଼ିଓ ସେବାର ପ୍ରସାର, ପ୍ରଚାର, ପ୍ରସିଦ୍ଧି, ପ୍ରଶଂସା ଓ ଜନସଚେତନତା ସୃଷ୍ଟି ପାଇଁ ପ୍ରତିବର୍ଷ ଫେବ୍ରୁଆରୀ ୧୩କୁ ବିଶ୍ୱ ରେଡ଼ିଓ ଦିବସ ଭାବେ ପାଳନ କରାଯାଉଛି । ସମ୍ବାଦ ପରିବେଶଣ ଏବଂ ଆନନ୍ଦର ନିମନ୍ତେ ତିନୋଟି ଗଣମାଧ୍ୟମ ଅଛି । ସେଗୁଡ଼ିକୁ ଆମେ ଦୃଶ୍ୟ, ଶ୍ରାବ୍ୟ ଏବଂ ଦୃଶ୍ୟ-ଶ୍ରାବ୍ୟ ମାଧ୍ୟମ ବୋଲି କହୁ । ସଂପ୍ରତି ଅନ୍ୟାନ୍ୟ ଗଣ ମାଧ୍ୟମ ଅପେକ୍ଷା ଦୃଶ୍ୟ - ଶ୍ରାବ୍ୟ (ଦୂରଦର୍ଶନ) ଏବଂ ଶ୍ରାବ୍ୟ (ଆକାଶବାଣୀ) ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି । ତା ତଳକୁ ଅଛି ପତ୍ରପତ୍ରିକା ଇତ୍ୟାଦି । ତେବେ ଏକଥା ନିଶ୍ଚୟ କହିବୁ ଯେ ତ୍ୱରନ୍ତ ଏବଂ ସର୍ବକାଳୀନ କାର୍ଯ୍ୟକ୍ଷମତା ନିମନ୍ତେ ରେଡ଼ିଓ ବା ଆକାଶବାଣୀ ହିଁ ସର୍ବୋତ୍ତମ । ପୃଥିବୀର ଯେତେ ବିସ୍ମୟ ଅଛି, ସେମାନଙ୍କ ମଧ୍ୟରେ ରେଡ଼ିଓ ଅନ୍ୟତମ । ଏହା ମଣିଷର ସ୍ୱରକୁ ବିନା ତାରରେ ଆକାଶ ମାଧ୍ୟମରେ ବହୁ ଦୂରକୁ ପଠାଇଥାଏ । ଏହା କୌଣସି ସ୍ଥାନକୁ ପ୍ରେରଣ କରିବାରେ ମାତ୍ର ୩ ମିନିଟ ସମୟ ନିଏ । ରେଡ଼ିଓ ଉଦ୍ଭାବକ ହେଉଛନ୍ତି ମାର୍କୋନି । ସେ ତାଙ୍କ ଉଦ୍ଭାବନ ମାଧ୍ୟମରେ ପୃଥିବୀବାସୀଙ୍କୁ ନିକଟରୁ ନିକଟତର କରି ପାରିଛନ୍ତି । ରେଡ଼ିଓ ସର୍ବତ୍ର ଯଥା ସହର ଓ ମଫସଲର ଘରେ ଘରେ ବଜାରଘାଟରେ, ଜାହାଜ ବା ଗତାଜାହାଜରେ ଯୁଦ୍ଧ ବା ଶାନ୍ତି କ୍ଷେତ୍ରରେ ବିପଦ ବି ଆପଦବେଳେ ସହାୟତା କ୍ଷେତ୍ରରେ, ରୋଗ ଚକାଚକ ତଥା ବ୍ୟକ୍ତିଗତ ବା ସାମୂହିକ କ୍ଷେତ୍ରରେ ବାର୍ତ୍ତାର ପ୍ରେରଣ ଓ ଶ୍ରବଣ ପାଇଁ ବ୍ୟବହୃତ ହୁଏ । ଏହା ଏକ ବିଦ୍ୟୁତ ମାଧ୍ୟମ ଯନ୍ତ୍ର ହୋଇନଥିବା ହେତୁ, ସବୁ ସମୟରେ ଏବଂ ସର୍ବତ୍ର କାର୍ଯ୍ୟକ୍ଷମ ହେତୁ ଏହା ଟେଲିଭିଜନ ଏବଂ ଅନ୍ୟାନ୍ୟ ଗଣମାଧ୍ୟମ ଦୃଷ୍ଟିରୁ ଅଧିକ ନିର୍ଭରଶୀଳ ।

ଟେଲିଭିଜନ ପରି କେବଳ ଦୃଶ୍ୟମାନ କାର୍ଯ୍ୟକ୍ରମକୁ ଛାଡ଼ିଦେଲେ ବାକି ସମସ୍ତ ତଥ୍ୟ ଯଥା ସମ୍ବାଦ, ଚିତ୍ତବିନୋଦନ ବ୍ୟବସ୍ଥାରେ ନାଟକ, ଗୀତ, ଆଲୋଚନାରେ ମତାମତ, ସମସ୍ତ ଘଟଣା, ଘୋଷଣା, ନିଯୁକ୍ତି ସଂପର୍କିତ ତଥ୍ୟ, ପରୀକ୍ଷା, ପରିପତ୍ର, ବାଣ୍ୟ, ବନ୍ୟା, ଅନ୍ୟାନ୍ୟ ପ୍ରାକୃତିକ ବିପର୍ଯ୍ୟୟ ଯୁଦ୍ଧ, ଶାନ୍ତି, ଶିକ୍ଷା ଇତ୍ୟାଦିରେ ବାର୍ତ୍ତା ପାଉ । ଏତିକି କହିଲେ ଯଥେଷ୍ଟ ହେବ ଯେ କେବଳ ଛବିକୁ ବାଦ ଦେଲେ ବାକିସବୁ ରେଡ଼ିଓରେ ପାଇଥାଉ । ଏତିକି କହିଲେ ଠିକ୍ ହେବ ଯେ ଟେଲିଭିଜନରେ ଆମେ ସବୁବେଳେ ପୂର୍ଣ୍ଣ ସ୍ୱାଦ ପାଇ ନଥାଉ କାରଣ ଏହା ବିଦ୍ୟୁତ୍ ବା ସେମିତି କିଛି ଉପାୟ ଉପରେ ନିର୍ଭରଶୀଳ । ଯେଉଁ ମୁହୂର୍ତ୍ତରେ ତାହା କଟିଯାଏ, ସେଠାରେ ହେଲା ବ୍ୟତିକ୍ରମ । ମାତ୍ର ସେ ପୂର୍ଣ୍ଣ ସ୍ୱାଦ ଦିଏ ଆକାଶବାଣୀ । ଆକାଶବାଣୀ ହିଁ ଗରିବ ଲୋକର ସାଥୀ । ଘରେ ବା ପାଖରେ ଟ୍ରାଞ୍ଜିଷ୍ଟର ସେଟ୍‌ଟିଏ ଥିଲେ ଏବଂ ବ୍ୟାଟେରୀର ଅଭାବ ନଥିଲେ ଏକ ଏକ ନନ୍‌ଷ୍ଟପ ବା ସର୍ବକାଳୀନ ଯନ୍ତ୍ର । ରେଡ଼ିଓର ଏକ ସ୍ୱାଳିକ ବ୍ୟବସ୍ଥା ଅଛି । ବାର୍ତ୍ତା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପ୍ରେରଣ ପାଇଁ ଭଇଶକ୍ତି ସଂପନ୍ନ ଆକାଶବାଣୀ ସଂସ୍ଥାନ ଅଛି । ଏମିତିରେ ଗୋଟିଏ ଦେଶରେ ଏକାଧିକ ସଂସ୍ଥାନ ବି ପ୍ରତିଷ୍ଠା ହୋଇଛି । ଗିଜିନ୍ନ ଦେଶରେ ଏହାର ନାମ ଜାରଣ ଭିନ୍ନ ଭିନ୍ନ । ଭାରତରେ ଏହାକୁ ଅଲ୍ ଇଣ୍ଡିଆ ରେଡ଼ିଓ ବା ଆକାଶବାଣୀ ଭାରତ ବଲିଲାବେଳେ, ପାକିସ୍ଥାନରେ ଏହାର ନାମ, ରେଡ଼ିଓ ପାକିସ୍ଥାନ ଏବଂ ଗ୍ରେଟ ବ୍ରିଟେନ୍‌ରେ ବୁଝନ୍ତି ବିବିସି ବା ବ୍ରିଟିଶ ବ୍ରଡ଼କାଷ୍ଟିଙ୍ଗ କର୍ପୋରେସନ୍ । ଟେଲିଭିଜନର ବହୁଳ ବ୍ୟବହାର ଫଳରେ ବର୍ତମାନ ରେଡ଼ିଓର ଚାହିଦା ଅନେକ କମ୍ ହୋଇଯାଇଛି । ତେବେ ସମୟ ଆସୁଛି, ଯେତେବେଳେ ଟିକି ଅପେକ୍ଷା ରେଡ଼ିଓର ଚାହିଦା ବଢ଼ିବ । ସେତେବେଳେ ରେଡ଼ିଓ ବା ଟ୍ରାଞ୍ଜିଷ୍ଟରରେ ଦୃଶ୍ୟ ଦେଖିବାର ବ୍ୟବସ୍ଥା ହୋଇ ଯାଇଥିବ । ମୋବାଇଲ ବା ପକେଟ ରେଡ଼ିଓରେ ଦୃଶ୍ୟ - ଶ୍ରାବ୍ୟ ପାଇନି ଯାଇଥିବ । ଏଣୁ ଏହା ସତ୍ୟ ବୋଲି ଅନୁମାନ ହୁଏ ଯେ ମାନବସେବାରେ ଏହାକୁ ସର୍ବୋତ୍ତମ ସ୍ଥାନ ମିଳିବ । ରେଡ଼ିଓ ଯେ ସୂଚନା ପ୍ରାପ୍ତିର ବଳିଷ୍ଠ ମାଧ୍ୟମ ଏହା ନିଃସନ୍ଦେହ । ରେଡ଼ିଓ ଲୋକଙ୍କୁ ବୁଝାଏ । ରେଡ଼ିଓର ଉପଯୋଗିତା ଓ ସାର୍ଥକତା ଆଜି ବି ରହିଛି । ରେଡ଼ିଓକୁ ଲୋକେ ଆଜି ବି ପସନ୍ଦ କରୁଥିବା ସ୍ପଷ୍ଟ ହେଉଛି ବୋଲି ସେ କହିଥିଲେ । ପୂର୍ବରୁ ରେଡ଼ିଓ ଥିଲା, ଆଜି ଅଛି ଏବଂ ଆଗକୁ ମଧ୍ୟ ରହିବ ।

ନିର୍ଦ୍ଦେଶିକା - ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, ଜଟକ, ଦୂରଭାଷ : ୯୯୩୬୧୭୨୮୧୦

ସରକାରୀ ଗ୍ରାମ୍ୟ ଜଙ୍ଗଲର ଭବିଷ୍ୟତ

॥ ଶ୍ରୀଧର କୁମାର ରାଉଳ ॥

ଓଡ଼ିଶାରେ ଲୋକପ୍ରିୟ ଡବଲ ଇଞ୍ଜିନ ସରକାର ଆସିବା ପରେ ରାଜ୍ୟବାସୀ ଅନେକ ବିକାଶକୁ ଦେଖୁଛନ୍ତି । ଭାରତର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓଡ଼ିଶାକୁ ପୂର୍ବୋଦୟ ବିକାଶର ପ୍ରାଥମିକ କେନ୍ଦ୍ର ଭାବେ ଗୁରୁତ୍ୱ ଦେଇଥିବାରୁ ଏହାର ସମ୍ଭାବନା ଅନେକ ବଢ଼ିଯାଇଛି । ଓଡ଼ିଶାର ପ୍ରାକୃତିକ ସମ୍ପଦ ଭିତରେ ବ୍ୟାପକ ଜଙ୍ଗଲ, ବୃକ୍ଷରାଜୀ ହେଉଛି ଓଡ଼ିଶାର ଗର୍ବ ଓ ଗୌରବ । ଭାରତ ବର୍ଷରେ ବିଜିନ୍ନ ରାଜ୍ୟରେ ସ୍ଥାନୀୟ ଗ୍ରାମ୍ୟ ଜଙ୍ଗଲ ପୁନର୍ବାର ଓ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇ ସ୍ଥାନୀୟ ଅଂଚଳରେ ସବୁଜ ପରିବେଶ ସୃଷ୍ଟି କରିବାରେ ସମର୍ଥ ହେଉଛନ

ସମସ୍ତଙ୍କ
ଆରମ୍ଭ
SEITHO ARAMBHA

ବୁଧବାର, ୨୫ ଫେବୃୟାରୀ,୨୦୨୬ : ଭାଲେଶ୍ୱର : ପୃଷ୍ଠା -୫

ରାୟଗଡ଼ରେ 'ଆମେ ପଢ଼ିବା ଆମ ଭାଷାରେ' କାର୍ଯ୍ୟକ୍ରମର ଶୁଭାରମ୍ଭ କଲେ ଜିଲ୍ଲାପାଳ

ରାୟଗଡ଼ା, ୨୪/୦୨ (ଆ.ପ୍ର) : ଓଡ଼ିଶା ସରକାରଙ୍କ ପ୍ରମୁଖ କାର୍ଯ୍ୟସୂଚୀ 'ଆମେ ପଢ଼ିବା ଆମ ଭାଷାରେ' ଅଧୀନରେ ରାୟଗଡ଼ ଜିଲ୍ଲାରେ ଜିଲ୍ଲା ସ୍ତରୀୟ ଅନୁଗ୍ରହପାନ ଓ କ୍ଷମତା ବିକାଶ କାର୍ଯ୍ୟକ୍ରମ ସଫଳତାର ସହିତ ଆୟୋଜିତ ହୋଇଛି । ଏହି କାର୍ଯ୍ୟକ୍ରମ ଜିଲ୍ଲାପାଳ ଅଣ୍ଡୋଷ୍ଠ କୁଳକର୍ଣ୍ଣୀଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାଗୃହରେ ଆୟୋଜିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ମାନତି ଦେଓ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ସହକାରୀ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଦେବରାଜ ଟାଙ୍ଗୀ,ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ, ଆଙ୍ଗନବାଡ଼ି କାର୍ଯ୍ୟକର୍ତା, ଅଧିକାରକ, ପଂଚାୟତିରାଜ ସଦସ୍ୟ, ସୁପରଭାଇଜର, ସିଡିପିଓ , ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ ସମେତ ଜିଲ୍ଲା ଅଭାଗୁଡ଼ାଏ ୬୦ ଜଣ ପଞ୍ଚକାର ଅଂଶଗ୍ରହଣ କରିଥିଲେ । ରାୟଗଡ଼ ଜିଲ୍ଲାପାଳ ଅଣ୍ଡୋଷ୍ଠ କୁଳକର୍ଣ୍ଣୀ କାର୍ଯ୍ୟକ୍ରମରେ ସମ୍ବୋଧନ କରି ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ । ତାଙ୍କ ମତରେ, ପ୍ରାରମ୍ଭିକ ଶିଶୁକାଳ ବିକାଶର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଅଟେ । ମାତୃଭାଷାରେ ଶିକ୍ଷଣ ଶିଶୁମାନଙ୍କୁ ଆତ୍ମବିଶ୍ୱାସ ନିର୍ମାଣ କରିବା ଏବଂ ମଜବୁତ ମୂଳଭୂତ ଶିକ୍ଷଣ ନିର୍ଣ୍ଣିତ କରିବାରେ ସାହାଯ୍ୟ କରେ । ଜିଲ୍ଲାପାଳ ବିଦ୍ୟାଳୟମାନଙ୍କ ମଧ୍ୟରେ ସମନ୍ୱୟ, ସମୁଦାୟ ଅଂଶଗ୍ରହଣ ଏବଂ ଫଂଟଲାଇନ୍ କାର୍ଯ୍ୟକର୍ତାଙ୍କ ସକ୍ରିୟ ସମ୍ପୃକ୍ତତାର ଗୁରୁତ୍ୱ ଉପରେ ଚୁଟ୍ଟକାର ସହିତ କହିଥିଲେ ଏବଂ ଅଭିଭାବକ ଓ ପଂଚାୟତିରାଜ ସଦସ୍ୟାଙ୍କୁ ଶିଶୁସୁହୃଦ୍ଭାବ ଶିକ୍ଷଣ ପରିବେଶ ସୃଷ୍ଟି କରିବାରେ ଆଙ୍ଗନବାଡ଼ି କେନ୍ଦ୍ରକୁ ସମର୍ଥନ କରି ଉତ୍ସାହିତ କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଙ୍ଗନବାଡ଼ି କେନ୍ଦ୍ରରେ ଥିବା ଆଦିବାସୀ ଶିଶୁମାନଙ୍କ ପାଇଁ ମାତୃଭାଷା ଆଧାରିତ ପ୍ରାରମ୍ଭିକ ଶିକ୍ଷାକୁ ମଜବୁତ କରିବାକୁ ଲକ୍ଷ୍ୟ ରଖାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପିଗମଲ୍ ଫାଉଣ୍ଡେସନ୍ ବଜର ସକ୍ରିୟ ଅଂଶଗ୍ରହଣରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

ଉଚ୍ଛେଦ ହେଲା ଅସ୍ଥାୟୀ ଦୋକାନ ଗୃହ

ଦଶପଲ୍ଲା, ୨୪/୦୨ (ଆ.ପ୍ର) : ଦଶପଲ୍ଲା ତହସିଲ ଅଫିସ ସମ୍ମୁଖରେ ଥିବା ଅସ୍ଥାୟୀ ଦୋକାନ ଗୃହକୁ ମଙ୍ଗଳବାର ଦିନ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ତହସିଲଦାର ସୃତି ରଞ୍ଜନ ଶତପଥୀ, ଅତିରିକ୍ତ ତହସିଲଦାର ଚନ୍ଦ୍ର ଶେଖର ବାରିକ ପ୍ରମୁଖ ଉପସ୍ଥିତ ଥିଲେ । ପର୍ଯ୍ୟାୟକ୍ରମେ ଅନ୍ୟ କେତେକ ଅସ୍ଥାୟୀ ଦୋକାନ ଗୃହ ଉଚ୍ଛେଦ କରାଯିବ ବୋଲି ଅତିରିକ୍ତ ତହସିଲଦାର ଶ୍ରୀ ବାରିକ ପ୍ରକାଶ କରିଛନ୍ତି । ପ୍ରତିଦିନ କ୍ଷୁଦ୍ର ବ୍ୟବସାୟ କରି ଗୁଜୁରାଣ ମେଂଟାଉଥିବା ଏଭଳି ବୋଲାନ୍ତଙ୍କ ନିମନ୍ତେ ବିକଳ୍ପ ବ୍ୟବସ୍ଥା କରିବା ନିମନ୍ତେ ଦାବୀ ହେଉଛି ।

ମିଡ଼ିଆ ମ୍ୟାନେଜମେଂଟ ପାଇଁ ଗୌର ମହାପାତ୍ର ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୨୪/୦୨ (ଆ.ପ୍ର) : ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗର ପୂର୍ବତନ ତଥା ଅବସରପ୍ରାପ୍ତ ଅଧିକାରୀ ଗୌର ଚନ୍ଦ୍ର ମହାପାତ୍ର ତାଙ୍କ କାର୍ଯ୍ୟ ଦକ୍ଷତା ପାଇଁ ମୂଆବିଲ୍ଲାରେ ସମ୍ବର୍ଦ୍ଧିତ ହୋଇଛନ୍ତି । ଗତ ୨୧ତାରିଖ ଶନିବାର ମିଡ଼ିଆ ଫେଡେରେସନ ଅଫ ଇଣ୍ଡିଆ, ମୂଆବିଲ୍ଲୀ ପକ୍ଷରୁ ଆୟୋଜିତ ଜାତୀୟ କାର୍ଯ୍ୟକ୍ରମରେ ଶ୍ରୀ ମହାପାତ୍ରଙ୍କୁ ଶ୍ରେଷ୍ଠ ମିଡ଼ିଆ ମ୍ୟାନେଜମେଂଟ ଅର୍ଗାନାଇଜର ଷ୍ଟେଟ ଆୱାର୍ଡ ପ୍ରଦାନ କରାଯାଇଛି । ଏଥିପାଇଁ ଶ୍ରୀ ମହାପାତ୍ର ଫେଡରେସନର କର୍ମକର୍ତାଙ୍କୁ କୃତଜ୍ଞତା ଜଣାଇଛନ୍ତି । ସେ ନିଜ କାର୍ଯ୍ୟାଳୟ ମଧ୍ୟରେ ମିଡ଼ିଆ ମ୍ୟାନେଜମେଂଟ କରି ସମସ୍ତ ସାମ୍ବାଦିକ ଓ ଅଧିକାରୀ ମାନଙ୍କ ପ୍ରିୟପାତ୍ର ହୋଇଥିଲେ । ଏଥିସହ ବହୁ ଅନୁଷ୍ଠାନରୁ ମଧ୍ୟ ସମ୍ବର୍ଦ୍ଧିତ ହୋଇଛନ୍ତି ।

ବିଆଇପିଏଫ୍ ସ୍କୁଲ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଂଟ '୨୦୨୬'

ଟାଙ୍ଗୀ ଗୌଦ୍ୱାର, ୨୪/୦୨ (ଆ.ପ୍ର) : ଗୌଦ୍ୱାରସ୍ଥିତ ବ ବିଆଇପିଏଫ୍ ସ୍କୁଲରେ ନକ୍ ଆଉଟ୍ କ୍ରିକେଟ୍ ଟୁର୍ଣ୍ଣାମେଂଟ ୨୦୨୬' ପୁରୁଷ ଅଭିଭାବକ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ନମଶ୍ରୀ ପତି ଏହି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ । ଏହି ଖେଳ ପରିପ୍ରେକ୍ଷୀରେ ଗ୍ରୁପ୍ ଏ ଓ ବି ମଧ୍ୟରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ବି ବକ ଚମ୍ପିୟାନ ହୋଇଥିଲେ । ପ୍ରଶାନ୍ତ କୁମାର ସିଂହ ଏବଂ ବାବୁନା ସିଂହ ମ୍ୟାନ ଅଫ ଦି ମ୍ୟାଚ୍ ଟ୍ରଫି ଗ୍ରହଣ କରିଥିଲେ ।ଗ୍ରୁପ୍ ଏ ଜ୍ୟାପଟେନ୍ ମାନୟ ସୁବୁଦ୍ଧି ରାୟଙ୍କୁ ରନର୍ସ ଅଫ୍ ଟ୍ରଫି ଏବଂ ଗ୍ରୁପ୍ ବି ଜ୍ୟାପଟେନ୍ ଶୈଳେନ୍ଦ୍ର ଦାସ ବେବଶର୍ମାଙ୍କୁ ଚମ୍ପିୟାନ ଟ୍ରଫି ପ୍ରଦାନ କରାଯାଇଥିଲା । ଅଧ୍ୟକ୍ଷା ଶ୍ରୀମତୀ ପତି ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଧନ୍ୟବାଦ ପ୍ରଦାନ କରିଥିଲେ । ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଛାତ୍ରାଙ୍କୁ ପରିଚାଳନା କରିଥିଲେ ।

ନୂଆପଡ଼ାରେ ଭୂତଳ ଜଳ ପରିଚାଳନା ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା ଅନୁଷ୍ଠିତ

ନୂଆପଡା, ୨୪/୦୨ (ଆ.ପ୍ର) : ନୂଆପଡା ଜିଲ୍ଲାରେ "ନାକୁଇମ୍ ସୁପାରିଶ ଓ ଭୂତଳ ଜଳ ପରିଚାଳନା" ଉପରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ବଦଭାବନା ସଭାଗୃହରେ ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳା କେନ୍ଦ୍ରୀୟ ଭୂତଳ ଜଳ ପରିଷଦ, ଦକ୍ଷିଣ ପୂର୍ବ କ୍ଷେତ୍ର, ଭୁବନେଶ୍ୱରଙ୍କ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । "ନାକୁଇମ୍" ହେଉଛି ନ୍ୟାସନାଲ୍ ଆକ୍ୱିଫର୍ ମ୍ୟାପିଙ୍ଗ୍ ଆଣ୍ଡ ମ୍ୟାନେଜମେଂଟ ପ୍ଲାନ୍ (National Aquifer Mapping and Management Plan) । ଏହା ଭୂତଳ ଜଳ ସମ୍ପଦର ସଠିକ ମାପନ, ବୈଜ୍ଞାନିକ ପରିଚାଳନା ଓ ସଠିକ୍ ବ୍ୟବହାର ସୁନିଶ୍ଚିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ କାର୍ଯ୍ୟକ୍ରମ । କର୍ମଶାଳାର ଆରମ୍ଭରେ ଜିଲ୍ଲା ମୁଖ୍ୟ ଭୂତ୍ୱାୟନ ଅଧିକାରୀ ଲକ୍ଷ୍ମୀଧର ଧଲୁଆ ସମସ୍ତ ଅତିଥି ଓ ଅଧିକାରୀମାନଙ୍କୁ ସ୍ୱାଗତ କରି ବୈଠକର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ । ସେ କହିଥିଲେ ଯେ, ଜିଲ୍ଲାରେ ଭୂତଳର ସଠିକ ସଂରକ୍ଷଣ, ସମୁଚିତ ବ୍ୟବହାର ଓ ପୁନର୍ଭର୍ତି ପାଇଁ ସମସ୍ତ ବିଭାଗର ସମନ୍ୱିତ ପ୍ରୟାସ ଅତ୍ୟାବଶ୍ୟକ । ବୈଜ୍ଞାନିକ ସୁଧାଂଶୁ କୁମାର ମହାନ୍ତି ଓ ରାଜୀବ କୁମାର ତ୍ରିପାଠୀ ନାକୁଇମ୍ ସୁପାରିଶ ଉପରେ ବିସ୍ତୃତ ପ୍ରସ୍ତୁତିକରଣ କରିଥିଲେ । ସେମାନେ ଜଳ ସଂରକ୍ଷଣ ପାଇଁ ଚାଷ ପ୍ରଣାଳୀର ବିବିଧୀକରଣ, ଡ୍ରିପ୍ ଇରିଗେସନ୍ ଓ ସ୍ପ୍ରିଙ୍କଲର୍ ପ୍ରଣାଳୀ ବ୍ୟବହାର କରିବାକୁ ପରାମର୍ଶ ଦେଇଥିଲେ । ଏହା ସହ ବର୍ଷାଜଳ ସଂଗ୍ରହ, ଚେକ୍ ଡ୍ୟାମ୍ ନିର୍ମାଣ ଓ ଭୂଗର୍ଭ ଜଳ ପୁନର୍ଭର୍ତି ପଦକ୍ଷେପକୁ ଜୋରଦାର କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା । କର୍ମଶାଳାରେ ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ କ୍ଷମାନିଧି ଭୋଇ, ଭାପନିର୍ଦ୍ଦେଶକ (ଭୂଜଳ) ହିମାଂଶୁ କୁମାର ମାଝି, ଷ୍ଟାଟେଶନ୍ ପ୍ରଭାର ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପାତ୍ର, ବିଜିନ୍ନ ବ୍ଲକ୍ ଭୂତ୍ୱାୟନ ଅଧିକାରୀ, ତହସିଲଦାର, ବିଜିନ୍ନ ବିଭାଗୀୟ ଯନ୍ତ୍ରୀ ଓ ବିଜିନ୍ନ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।

ବିଶ୍ୱଶାନ୍ତି ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ



ବାଲିଗୁଡା, ୨୪/୦୨ (ଆ.ପ୍ର) : କନ୍ଧମାଳ ଜିଲ୍ଲା ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ ଟିକାବାଲି ବ୍ଲକ୍ ଲଇଁରେ ସଂଚାୟତ ଜିଗିନାଗାଁ ଗ୍ରାମରେ ପୂଜ୍ୟପାଦ ଗୁପ୍ତେଶ୍ୱର ଲହଁଙ୍କ ପରିଚାଳିତ ଗୌରଭକ୍ତ ଏକତ୍ରୀକରଣ କମିଟି ତରଫରୁ ୨୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୫୩ ଅଳ ସଂକୀର୍ତନ ମଣ୍ଡଳୀ ଯୋଗ ଦେଇଥିବା ବେଳେ ପ୍ରଥମ ଦିନରେ ନଦୀ ରୁ ଜଳ ଆଣି ଚତୁର୍ପାର୍ଶ୍ୱରେ ସ୍ଥାପନ କରାଯାଇଥିଲା ଏବଂ ଦ୍ୱିତୀୟ ଦିନରେ ନାମ ଆରମ୍ଭ କରାଯାଇ ମଙ୍ଗଳବାର ପଂଚମ ଦିନରେ ଶେଷ ହୋଇଥିଲା । ଏଥିରେ ନାମଯଜ୍ଞ, ଗୁଡଯଜ୍ଞ, କପଯଜ୍ଞ, ଅର୍ଣ୍ଣଯଜ୍ଞ, ଜ୍ଞାନଯଜ୍ଞ ହୋଇଥିବା ସହ ବହୁ ସାଧୁସନ୍ତ ଓ ଧାର୍ମିକ ବ୍ୟକ୍ତି ତଥା ଦୂରଦୂରାନ୍ତର ଆସିଥିବା ଲୋକମାନଙ୍କର ବହୁ ସଂଖ୍ୟାରେ ଦେଖିବାକୁ ମିଳିଥିଲା । ଏହି ଯଜ୍ଞକୁ ପୁରୋହିତ ଭାବେ ଜଗଦବନ୍ଧୁ ଦାସ ପୂଜାପାଠ କରିଥିବା ବେଳେ ପ୍ରମୋଦ ଦାସ, ରାଜେଶ ସହଯୋଗ କରିଥିଲେ ଏବଂ ଯଜମାନ ରୂପେ ସନାତନ ଲହଁର, ଅନିତା ଲହଁର, ସୁବଳ ଲହଁର, ଶର୍ମିଳା ଲହଁର ଉପସ୍ଥିତ ରହିଥିଲେ । ଶେଷରେ ଧର୍ମସଭା କରାଯାଇଥିଲା ସେଥିରେ ପ୍ରବକ୍ତା ଗୁରୁ ଗୁପ୍ତେଶ୍ୱର ଲହଁର, ଦାନପ୍ରଣ୍ଣି ଆଶ୍ରମ ଗୁଟିଜିଆର ପ୍ରେମାନନ୍ଦ ଲହଁର, ପାଂଚୁଦେବ କଟା, ଫୁଲବାଣୀ ହନୁମାନ ସାଧକ ବନମାଳୀ ପଟ୍ଟନାୟକ, ରାଇଖୋଲର ପୃଥ୍ୱୀରାଜ ଲହଁର, ଚକାପାଦ ଗୁରୁଜୁଳ ଆଶ୍ରମ ପଣ୍ଡିତ ଜଗବନ୍ଧୁ ଦାସ, ବାଟାଲୁଗାଁ ବିଶ୍ୱନାଥ ଲହଁର, ଗୋବିନ୍ଦ ଚନ୍ଦ୍ର ବାନପ୍ରଣ୍ଣି ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଭାବେ ପୂର୍ବତନ ସରପଂଚ ପ୍ରକାଶ ଲହଁର, ସମିତି ସଭ୍ୟା ନମିତା ଲହଁର, ଶିକ୍ଷକ ଶୁଭମୁନି ବିଗାଲ, ଖିର୍ତମେଶର ମାମାଲି ବାଘ, ସଙ୍ଘ ସମ୍ପାଦକ ବଳି ଲହଁର, ଅଶାକର୍ମୀ ସାବିତ୍ରୀ ମଲ୍ଲିକ, ଗ୍ରାମର ଶିକ୍ଷକ ମନୋଜ ଦିଗାଲ, ଅଳିକନ ଲହଁର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଯଜ୍ଞ ସଭାପତି ପ୍ରଭାକର ଲହଁର, ଉପସଭାପତି ଶଶୀଭୂଷଣ ଲହଁର, ସମ୍ପାଦକ ପୁରୁଷୋତମ ଲହଁର, ସହସମ୍ପାଦକ ଦୁର୍ଯୋଧନ ଲହଁର, କୋଷାଧକ୍ଷ ସନାତନ ଲହଁର, ଉପଦେଷ୍ଟା ବିରଂଚି ଲହଁର କାର୍ଯ୍ୟ ତୁଲାଇଥିଲେ ଏବଂ ରମେଶ ଲହଁର, ଅଙ୍ଗଦ ଲହଁର, ସୁଚିତ ଲହଁର, ସାନ୍ତୁନୁ ଲହଁର, ଅନାମ ଲହଁରଙ୍କ ସହ ଗ୍ରାମର ପୁରୁଷ, ମହିଳା ମାନେ ସହଯୋଗ କରିଥିଲେ ।

ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ

କୋଳସରା, ୨୪/୦୨ (ଆ.ପ୍ର) : କୋଳସରା ବ୍ଲକ ସଦର ମହକୁମା ସ୍ଥିତ ପଂଚାୟତ ସମିତି ମହାବିଦ୍ୟାଳୟଠାରେ ଗତ ୮ ଦିନ ଧରି ଚାଲିଥିବା ଛାତ୍ରୀ ଆତ୍ମ ସୁରକ୍ଷା ପ୍ରଶିକ୍ଷଣ ଶିବିରର ମଙ୍ଗଳବାର ଉଦ୍‌ଯାପିତ ହୋଇଛି । କଳେଜର ଅଧ୍ୟକ୍ଷ ପୁଷ୍କରାଜ ମେଟେଲେଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପିତ କାର୍ଯ୍ୟକ୍ରମରେ କୋଳସରା ଥାନା ଏଏସ୍‌ଆଇ ମମତା ଶବର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସୁବ୍ରତ କୁମାର ବେହେରା, ଅଶ୍ୱିନୀ କୁମାର ପଟ୍ଟନାୟକ, ଜଗନ ଚାନ୍ଦାନୀ, ଅଧ୍ୟାପିକା ବେଦମୟୀ ବାରିକ, ଶୁଭଶ୍ରୀ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଂଚାସିନ ହୋଇଥିଲେ । ଏହି କ୍ରମରେ ଅତିଥି ମାନେ କହିଥିଲେ, ଛାତ୍ରୀମାନେ ଆତ୍ମ ସୁରକ୍ଷା କୌଶଳ ଶିଖିବା ସହ ଆତ୍ମବିଶ୍ୱାସୀ ହୋଇ ନିଜକୁ ସୁରକ୍ଷିତ କରି ସମାଜ ପାଇଁ ଏକ ଉଦାହରଣ ହେବା ଉଚିତ ବୋଲି ମତ ଦେଇଥିଲେ । ପ୍ରଶିକ୍ଷକ ପ୍ରିୟଦର୍ଶିନୀ ବେହେରା ଛାତ୍ରୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ । ଅଧ୍ୟାପିକା କନକ ମଞ୍ଜୁରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଖେଳ ଶିକ୍ଷକ ପ୍ରତାପ ଚନ୍ଦ୍ର ବିଶି, କର୍ମଚାରୀ ଜିତେନ୍ଦ୍ର ପ୍ରଧାନୀ, ସୁଷ୍ମିତା ବିଶି, ସୁଜାତ ପ୍ରଧାନୀ ପ୍ରମୁଖ ସହଯୋଗ କରିଥିଲେ ।

ଘର ଛାଡ଼ି ବିଭିନ୍ନ ସ୍ଥାନରେ ଘୁରି ବୁଲୁଥିବା ବୃଦ୍ଧାଙ୍କୁ ଉଦ୍ଧାର କଲେ ସ୍ନେହମୟୀ

ଜଗତସିଂହପୁର, ୨୪/୦୨ (ଆ.ପ୍ର) : ଆଜିର ସମାଜ ରେ ବାପା ମା'ଙ୍କୁ ହତାଦର କରୁଥିବାର ଅନେକ ନଜିର ରହିଛି ଝି ପିଲାଟିକୁ ମଣିଷ କରିବାକୁ ନିଜେ ଉପାସ ରହି ନିଜ ସନ୍ତାନକୁ ମଣିଷ କରୁଥିବା ପିଲାମାନେ ବାପା, ମା'ଙ୍କ ବୃଦ୍ଧାବସ୍ଥାରେ ହତାଦର କରିବା ଭାରଣ୍ଡୁ ବୃଦ୍ଧାବସ୍ଥା ରେ ସେମାନଙ୍କ ଶେଷଆଶ୍ରା ଜରାଶ୍ରମ ପାଲଟିଥାଏ । ଆଜି ଏହିଭଳି ଏକ ଘଟଣା ଦେଖିବାକୁ ମିଳିଛି ପାରାଦୀପ ଗଡ଼ ଅଂଚଳରେ । ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସତୁରି ବର୍ଷୀୟ ଜାର୍ଣ୍ଣ ବୃଦ୍ଧା ମାଧବୀ ଦାସଙ୍କୁ ଉଦ୍ଧାର କରି ବୃଦ୍ଧାଶ୍ରମ ରେ ଛାଡିଛନ୍ତି ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟ । ପାରାଦୀପ ଗଡ଼ ଗ୍ରାମରେ ରହୁଥିବା ସ୍ୱର୍ଗତ ଫକୀର ଦାସଙ୍କ ସତୁରି ବର୍ଷୀୟା ପତ୍ନୀ ମାଧବୀ ଦାସ ଝିଅ ବିବାହ ପରେ ପୁଅବୋହୂଙ୍କ ପାଖରେ ରହି ଆସୁଥିଲେ । ହେଲେ ପୁଅ ଦୈନନ୍ଦିନ ମଦ୍ୟପାନ କରି ନିଶାଛନ୍ନ ଅବସ୍ଥାରେ ଘରକୁ ଆସିବା ସହିତ ସ୍ତ୍ରୀ ପିଲା ମାନଙ୍କୁ ଗାଳିଗୁଳକ କରିବା ସହିତ ବୃଦ୍ଧା ମା'କୁ ମଧ୍ୟ ନେଇ ବୃଦ୍ଧା ମାଧବୀଙ୍କୁ ପାଖରେ ରଖିବାକୁ କହୁଥିଲେ ମଧ୍ୟ ମାଧବୀ ବିଧାସଢଖ ମନା କରିଦେଇଥିଲେ । ଜଣିଲେ ମୁଁ ଆଖୁମ ଯିବି, ଯଦି ମୋତେ କେହି ଅଟକାଇବ ତା ହେଲେ ଛାଡ଼ି ନ ଥିଲେ । ଯାହା ଫଳରେ ପୁଅର ଗାଳି ସହି ନ ପାରି ମାଧବୀ ଘର ଛାଡି ଦୀର୍ଘଦିନ ହେବ ଏଣେତେଣେ ବୁଲୁଥିଲେ । ବସସର ଅପରାହ୍ନ ରେ ଏଇଭଳି ଅସହାୟ ଅବସ୍ଥାରେ ବୁଲୁଥିବା ବୃଦ୍ଧା ମହିଳାଙ୍କ ଅସହାୟତା ବିଷୟରେ ଯୁବ ସମାଜ ସେବୀ ଶିଶିର କୁମାର ଜର ବ୍ୟାସ ଫାଉଣ୍ଡେସନ ର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କୁ ଜଣାଇଥିଲେ । ଆଜି ସ୍ନେହମୟୀ ନିଜର ସାଥିଙ୍କୁ ଧରି ପାରାଦୀପ ଗଡ଼ରେ ରହିଥିବା ବିକ୍ରୁ ପଟ୍ଟନାୟକ ମାର୍କେଟ କମ୍ପ୍ଲେକ୍ସରେ ପୁଅ ବୋହୂ ଓ ଝିଅଙ୍କ ଉପସ୍ଥିତରେ ମାଧବୀଙ୍କୁ ଉଦ୍ଧାର କରି ସ୍ଥାନୀୟ ବୃଦ୍ଧାଶ୍ରମରେ ଛାଡିଥିବା ନେଇ କହିଛନ୍ତି ସ୍ନେହମୟୀ ଆଚାର୍ଯ୍ୟ । ଜିଦ୍ଦି ସମୟ ପାଇଁ ପୁଅ ବୋହୂ ସମାଜର ଲଜ୍ଜାରୁ ଘଷ୍ଟା ବେଳକୁ ମୋର ମୃତଦେହ ଦେଖିବ ବୋଲି ଧିଧାଶିଧା ଶୁଣାଇଦେଇଥିଲେ । ଯାହାକୁ ନେଇ ପୁଅବୋହୂ, ଝିଅଙ୍କ ଉପସ୍ଥିତରେ ମାଧବୀଙ୍କୁ ସାଥିରେ ଆଣି ସ୍ଥାନୀୟ ସାରଜରମ ଜରାଶ୍ରମରେ ଜିଜିବିନ ପାଇଁ ରଖିବା ସହିତ ଯଦି ବୃଦ୍ଧା ମାଧବୀ ନିଜର ମନସ୍ଥିର କରନ୍ତି ଏବେ ତାଙ୍କ ପିଲାମାନେ ଯଦି ତାଙ୍କୁ ପାଖକୁ ନେବାକୁ ଚାହାଁନ୍ତି ତେବେ ସେଥିରେ ମୋର କିଛି ଆପତି ନାହିଁ ବୋଲି କହିଛନ୍ତି ସ୍ନେହମୟୀ ଆଚାର୍ଯ୍ୟ । ଜଗତସିଂହପୁର ଜିଲ୍ଲାରେ ସେବାକ୍ଷେତ୍ରରେ ମଦର ଟେରେସା ଭଳି ସାଧାରଣ ଲୋକଙ୍କ ପାଇଁ ଅଂଗ ଭିଜୁଥିବା ବ୍ୟାସ ଫାଉଣ୍ଡେସନର ଅଧକ୍ଷା ସ୍ନେହମୟୀ ଆଚାର୍ଯ୍ୟଙ୍କ ଏହି କାର୍ଯ୍ୟ କୁ ସ୍ଥାନୀୟ ଅଂଚଳବାସୀ ଭୂରିଭୂରି ପ୍ରଶଂସା କରିଛନ୍ତି ।

ଏନ୍‌ସି କଲେଜ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ହକ୍‌ଦାର

ଯାଜପୁର, ୨୪/୦୨ (ଆ.ପ୍ର) : : ଆଜି ଯାଜପୁର ସହରର ମିଳନ ଶକ୍ତି ଭବନ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଛି । ଏହି ବୈଠକରେ ଯାଜପୁର ସହରର ସମସ୍ତ ବିଜିନ୍ନ ଦଳର ଜନପ୍ରତିନିଧି ପୂର୍ବତନ ଛାତ୍ର ନେତା, ବୁଦ୍ଧିଜୀବୀ ଏବଂ ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇ ଥିଏ । ଚଳିତ ବର୍ଷ ବଜେଟ୍ ଅଧିବେଶନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାର କେତେକ ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଘୋଷଣା କରିଛନ୍ତି । ଅବିଭକ୍ତ ଜଟକ ଜିଲ୍ଲାରେ ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଜିଲ୍ଲା ଅତୀତରେ ସାମିଲ ହୋଇ ରହିଥିଲା ।

ସମସ୍ତଙ୍କ
ଆରମ୍ଭ
SEITHO ARAMBHA
ବୁଧବାର, ୨୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଜାଂଗଳା ଗ୍ରାମରେ ଅଷ୍ଟ ପ୍ରହରୀ ନାମଯଜ୍ଞ

ବଣାଇଁ, ୨୪/୦୨ (ଆ.ପ୍ର) : ବ୍ଲକ ଅନ୍ତର୍ଗତ ଗୁରୁଡ଼ା ପଂଚାୟତ ଅଧିନସ୍ଥ ଜାଂଗଳା ଗ୍ରାମରେ ଜାଂଗଳା ଅଷ୍ଟ ପ୍ରହରୀ କମିଟି ପକ୍ଷରୁ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ଅଷ୍ଟ ପ୍ରହରୀ ନାମଯଜ୍ଞ ପାଇଁ ନିକଟରେ ଥିବା ବ୍ରହ୍ମଣୀ ନଦୀରୁ ପାଣି ଛଳେଇ ମହିଳା ଭକ୍ତ ମାନେ କୋଳସ ଶୋଭାଯାତ୍ରା କରିବା ସହିତ ଗାଁ ପରିକ୍ରମା କରି ନାମଯଜ୍ଞ ସ୍ଥଳରେ ସମ୍ପନ୍ନ ହୋଇଥିଲେ । ଉକ୍ତ କାର୍ଯ୍ୟକ୍ରମର କର୍ତ୍ତା ଭାବେ ଗ୍ରାମର କିଶୋର ଠାକୁର ଓ ତାଙ୍କର ଧର୍ମପତ୍ନୀ ବିମଳା ଠାକୁର ଯଜ୍ଞସ୍ଥଳରେ ବସିଥିଲେ । ପୂଜକ ଭାବେ ଗୋଲବନ୍ଧନ ଦାସ ଓ ସ୍ନେହଶିଷ ଦାସ ପ୍ରମୁଖ ପୂଜାର୍ଚ୍ଚନା ସମ୍ପନ୍ନ କରିଥିଲେ । ଏହି ଅଷ୍ଟ ପ୍ରହରୀ ନାମଯଜ୍ଞରେ ଜମରେଇ, ଦେଶଗାଁ, ଦେଣ୍ଡେରା, ଚୁଗାମୁରା, ବଡଗାଁ ଆଦି ଗ୍ରାମର ସଂକୀର୍ତ୍ତନ ଦଳ ଆସି ହରେକୃଷ୍ଣ ମହାମନ୍ତ୍ର ଜପ କରିଥିଲେ । କାର୍ଯ୍ୟକ୍ରମକୁ ଜାଂଗଳା ଶ୍ରୀ ଅଷ୍ଟ ପ୍ରହରୀ କମିଟି ସଭାପତି ତଥା ସମସ୍ତ ସଦସ୍ୟ ରହି ପରିଚାଳନା କରିଥିବାବେଳେ ଜାଂଗଳା ଗ୍ରାମର ସମସ୍ତ ଗ୍ରାମବାସୀ ସହାୟତା କରିଥିଲେ ।

ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ

କି.ଜାଦବଗିରି, ୨୪/୦୨ (ଆ.ପ୍ର) : ଜିଲ୍ଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସ୍ଥାନୀୟ ବ୍ଲକ ପ୍ରେକ୍ଷାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ମିଳିତ ଜନ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମରେ କନ୍ଧମାଳ ଜିଲ୍ଲାପାଳ ଦେବ କୃଷ୍ଣଣ, ବାଲିଗୁଡା ଉପଜିଲ୍ଲାପାଳ ପ୍ରଣୀତା ଦାସ, ଡିଆରଡ଼ିଏ ପ୍ରକଳ୍ପ ନିର୍ଦ୍ଦେଶକ ଶମ୍ଭୁନାଥ ନନ୍ଦା, ପିଏ ଆଇଟିଡିଏ କୃପାବିନ୍ଦୁ ଦେବେରା, ସ୍ଥାନୀୟ ବିଡ଼ିଓ ସତ୍ୟ ନାରାୟଣ ମିଶ୍ର, ଦେବସିଦାର ଗଞ୍ଜନ କୁମାର ସାହୁ, ସ୍ଥାନୀୟ ଅଧ୍ୟକ୍ଷ ସୁଷମା ପ୍ରଧାନ,ଏନଏସି ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ ଜରଙ୍କ ଉପସ୍ଥିତିରେ ଅଭିଯୋଗ ଗ୍ରହଣ କରାଯାଇଥିଲା । କାର୍ଯ୍ୟକ୍ରମରେ ବ୍ଲକ ତଥା ପରିଷଦ ଅନ୍ତର୍ଗତ ସମସ୍ତ ଲାଇନ ବିଭାଗର ସରକାରୀ କର୍ମଚାରୀ ଉପସ୍ଥିତ ରହିଥିବା ବେଳେ ୪୨ ଜଣଙ୍କର ଅଭିଯୋଗ ଗ୍ରହଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ ୩ ଆବାସ ଗୃହ ୬ ଟି, ଜାତୀୟ କାର୍ଡ ୪ ଟି, ସାମୁହିକ ବିକାଶ ମୂଳକ କାର୍ଯ୍ୟ ପାଇଁ ୯ ଗୋଟି, ପାନୀୟ ଜଳ ସମସ୍ୟା ପାଇଁ ୩ ଗୋଟି, ଭତା ପାଇଁ ୨ଗୋଟି, ଜମିଜମା ସମସ୍ୟା ନେଇ ୩ଗୋଟି ଏବଂ ଅନ୍ୟାନ୍ୟ ୧୫ଗୋଟି ଅଭିଯୋଗ ଆସିଥିଲା । ସେ ସମସ୍ତ ବିଷୟ ଗୁଡ଼ିକ ଯାଂଚ କରି ଜିଲ୍ଲାପାଳ ଶୀଘ୍ର କାର୍ଯ୍ୟସାଧନ କରିବା ନିମନ୍ତେ ଉକ୍ତ ବିଭାଗ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଏଥି ବ୍ଲକର ବିଭିନ୍ନ ପଂଚାୟତ ରୁ ୧୯ ଜଣ ଏବଂ ଏନଏସିର ୩ ଜଣ ମୋଟ ୨୫ଜଣ ନୂତନ ହିତାଧିକାରୀଙ୍କୁ ଜିଲ୍ଲାପାଳ ଭତା ପ୍ରଦାନ କରିଥିଲେ ।

ନବରଙ୍ଗପୁରରେ ସରକାରୀ ଅଧିକାରୀ ଏବଂ ଶିଳ୍ପ ଉଦ୍ୟୋଗୀଙ୍କ ନିମନ୍ତେ ଅଧୀନରେ ଯୋଜନା ସମ୍ପର୍କିତ କ୍ଷମତା ବୃଦ୍ଧି କର୍ମଶାଳା ଆୟୋଜିତ

ନବରଙ୍ଗପୁର, ୨୪/୦୨ (ଆ.ପ୍ର) : ରେଜିଂ ଏଣ୍ଡ ଆସେସଲେରେଟିଂ ଏମଏସଏମଇ ପର୍ଫର୍ମାନ୍ସ କାର୍ଯ୍ୟକ୍ରମ ଅଧୀନରେ ଏକ ଯୋଜନା ସମ୍ପର୍କିତ କ୍ଷମତା ବୃଦ୍ଧି କର୍ମଶାଳା ଆଜି ନବରଙ୍ଗପୁର ସହର ଅବସ୍ଥିତ ଗ୍ରେଜ୍ ହୋଟେଲ୍ ଏଣ୍ଡ ରିସର୍ଟସ୍ ପ୍ରା.ଲି ଚାର୍ଗରିଆଗୁଡା ଠାରେ ଆୟୋଜିତ ହୋଇଯାଇଛି । ଏହି କର୍ମଶାଳାର ଆୟୋଜନ Directorate of Export Promotion & Marketing (DEPM), ଓଡିଶା, ଭୁବନେଶ୍ୱର ଦ୍ୱାରା କରାଯାଇଥିଲା । କାର୍ଯ୍ୟକ୍ରମର ଆରମ୍ଭରେ ଡିଏମ୍, ଡିଆଇସି, ନବରଙ୍ଗପୁର ଦୀପକ କୁମାର ଅଗରୱାଲଙ୍କ ଦ୍ୱାରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଜିଲ୍ଲାରେ ଏମଏସଏମଇ କ୍ଷେତ୍ରକୁ ସୁଦୃଢ କରିବା ପାଇଁ କ୍ଷମତା ବୃଦ୍ଧିର ଗୁରୁତ୍ୱ ଉପରେ ଉଲ୍ଲେଖ କରିଥିଲେ । ସରକାରୀ ଋଣରେ ସ୍ଥାନୀୟ ମାଇକ୍ରୋ ଓ ଲଘୁ ଉଦ୍ୟୋଗୀ ମାନଙ୍କ ଅଂଶଗ୍ରହଣ ବୃଦ୍ଧି ପାଇଁ ପ୍ରୋକ୍ୟୁରମେଂଟ ପ୍ରିଫରେନ୍ସ ପଲିସି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ନବରଙ୍ଗପୁର ଡଃ ମହେଶ୍ୱର ସ୍ୱାଇଁ ଜରାଗତ ଯୋଜନାର ଗୁରୁତ୍ୱ ଉଲ୍ଲେଖ କରି ଏହା ମାଧ୍ୟମରେ ଏମଏସଏମଇ କ୍ଷେତ୍ରର ଲଘୁ ଉଦ୍ୟୋଗୀ ମାନଙ୍କ ଉନ୍ନତି ହେବା ସଙ୍ଗେ ସଙ୍ଗେ ଅନେକଙ୍କୁ ନିଯୁକ୍ତି ଦେବା ସମ୍ଭବ ହେବ ବୋଲି କହିଥିଲେ । ସେ ବିଭିନ୍ନ ବିଭାଗୀୟ ବିଭାଗମାନଙ୍କ ମଧ୍ୟରେ ସମନ୍ୱୟ ଓ ସଚ୍ଚିବ ସହଯୋଗ ଦ୍ୱାରା ସ୍ଥାନୀୟ ଉଦ୍ୟମିମାନଙ୍କୁ ସରକାରୀ ଯୋଜନା ଓ କ୍ରୟ ପ୍ରକ୍ରିୟାର ସର୍ବାଧିକ ଲାଭ ଦେବାକୁ ଆହ୍ୱାନ କରିଥିଲେ । ତାପରେ ପ୍ରାୟୋଗିକ ଅଧିବେଶନରେ Government e-Marketplace (GeM) ସମ୍ବନ୍ଧୀୟ ବାୟର ଓ ସେଲର ସେସନ୍ ଆୟୋଜିତ ହୋଇଥିଲା । ବାୟର ସେସନ୍‌ରେ ଏରଗ ପରିଚୟ, ବାୟର ରେଜିଷ୍ଟ୍ରେସନ୍ (ପ୍ରାଇମେରୀ ଓ ସେକେଣ୍ଡେରୀ ୟୁଜର), ଡାଇରେକ୍ଟ ପର୍ଚେଜ, ଏଲ- ୧ ପର୍ଚେଜ, ବିଡ୍ ସୃଷ୍ଟି ଓ ଅନ୍ୟାନ୍ୟ ପ୍ରକ୍ରିୟା ବିଷୟରେ ଆଲୋଚନା କରାଯାଇଥିଲା । ସେଲର ସେସନ୍‌ରେ ସେଲର ରେଜିଷ୍ଟ୍ରେସନ୍, ପ୍ରୋଫାଇଲ୍ ଅପଡେଟ୍ ଓ କ୍ୟାଟାଲଗ୍ ପରିଚାଳନା ବିଷୟରେ ମାର୍ଗଦର୍ଶନ ଦିଆଯାଇଥିଲା । ଏହି ସେସନ୍‌କୁ ଟ୍ରେନିଂ ମ୍ୟାନେଜମେଂଟ କନସଲ୍ଟାଂଟ ଆନନ୍ଦ କିଶୋର ମିଶ୍ର ପରିଚାଳନା କରିଥିଲେ । ଶେଷରେ, Directorate of Export Promotion & Marketinge ବୈଷୟିକ ଅଧିକାରୀ ସୁଜି ପ୍ରସାଦ ପାଢ଼ୀ ଧନ୍ୟବାଦ ଜ୍ଞାପନ କରିଥିଲେ । ଏହି କର୍ମଶାଳାରେ ବିଭିନ୍ନ ବିଭାଗର ସରକାରୀ କର୍ମକର୍ତ୍ତାମାନେ, ଶିଳ୍ପ ସଂଘର ପ୍ରତିନିଧିମାନେ ଏବଂ ଜିଲ୍ଲାର ଏମଏସଏମଇ ଉଦ୍ୟମୀମାନେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । କାର୍ଯ୍ୟକ୍ରମଟି ଜିଲ୍ଲାରେ ଏମଏସଏମଇ କ୍ଷେତ୍ରକୁ ସୁଦୃଢ କରିବା ସହିତ ସରକାରୀ କ୍ରୟ ପ୍ରଣାଳୀରେ ପାରଦର୍ଶିତା ଓ କାର୍ଯ୍ୟକ୍ଷମତା ବୃଦ୍ଧି ପାଇଁ ସହାୟକ ହେବ ବୋଲି ଆଶା କରାଯାଇଛି ।

ଜାତୀୟ ପତାକା ବ୍ୟବହାର ସଂପର୍କରେ ସଚେତନତା

ଜଗତସିଂହପୁର, ୨୪/୦୨ (ଆ.ପ୍ର) : ଜାତୀୟ ପତାକାକୁ ସମ୍ମାନ କରାଯିବା ପ୍ରତ୍ୟେକ ଭାରତୀୟ ନାଗରିକଙ୍କ କର୍ତ୍ତବ୍ୟ । ଭାରତୀୟ ଜାତୀୟ ପତାକା ଆଶା ଓ ଭରସାର ଭାବେ ଆମ ଦେଶର ଜନସାଧାରଣଙ୍କ ପ୍ରତିନିଧିତ୍ୱ କରିଥାଏ । ତେଣୁ ଜାତୀୟ ପତାକାକୁ ଭଲ ପାଇବା, ସମ୍ମାନ ଦେବା ଓ ଏହା ପ୍ରତି ଆନୁଗତ୍ୟ ଦେଖାଇବା ଉଚିତ୍ । ଜାତୀୟ ସମ୍ମାନ ନିୟମ ୧୯୭୧ ଅନୁଯାୟୀ ଜାତୀୟ ପତାକାକୁ ଅପମାନ କଲେ ଆଇନାନୁଯାୟୀ ଦଣ୍ଡ ଦେବାର ବ୍ୟବସ୍ଥା ରହିଛି । ସେହିପରି ଫ୍ଲାଗ କୋଡ ଅଫ୍ ଇଣ୍ଡିଆ-୨୦୦୨ ନିୟମ ଅନୁଯାୟୀ ଏହାର ବ୍ୟବହାର ସଠିକ୍ ଭାବରେ କରାଯିବା ଉଚିତ । ଗୁରୁତ୍ୱପୂର୍ଣ୍ଣ ଜାତୀୟ ଦିବସ, ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ କ୍ରୀଡ଼ା ମହାକୁମ୍ଭ ସମୟରେ ସ୍ୱାଧିକ୍ରେ ଜାତୀୟ ପତାକା ପରିବର୍ତ୍ତେ ଜାଗଲରେ ଟିଆରି ଜାତୀୟ ପତାକା ବ୍ୟବହାର କରାଯିବା ଉଚିତ । ଏହି ସବୁ କାର୍ଯ୍ୟକ୍ରମ ସମୟରେ ଜନସାଧାରଣ ବ୍ୟବହାର କରୁଥିବା କାଗଜ ଟିଆରି ଜାତୀୟ ପତାକାକୁ ଏଣେ ତେଣେ ପକାଇଥାନ୍ତି, ଯାହାକି ଜାତୀୟ ପତାକାକୁ ଅସମ୍ମାନ ଅଟେ । ସରକାରଙ୍କ ବିନା ଆଦେଶରେ ଜାତୀୟ ପତାକାକୁ ଅର୍ଦ୍ଧ ନମିତ ଭାବରେ ଉଡାଇବା ଅନୁଚିତ୍ । ଜାତୀୟ ପତାକାକୁ ପୋଷାକ ପରିଛଦ, ୟୁନିଫର୍ମ, ଟୋପିରି ପୁରାଣ ରାଡି, ରୁମାଲ, ଗାମୁଛା ଓ ପୋଷାକ ପତ୍ରରେ ବ୍ୟବହାର କରାଯାଇ ପାରିବ ନାହିଁ । ଜାତୀୟ ପତାକା ଉପରେ କୌଣସି ଲେଖାଲେଖି କରିବା ଅନୁଚିତ୍ । ଜୌଣସି ଆଡିଆ ପ୍ରଚାର ସମୟରେ, ବିତରଣ ସମୟରେ, ଜୌଣସି ଦ୍ରବ୍ୟ ବହନ ସମୟରେ ଜାତୀୟ ପତାକାକୁ ବ୍ୟବହାର କରାଯାଇ ପାରିବ ନାହିଁ । ସାଧାରଣତନ୍ତ୍ର ଦିବସ ଓ ସ୍ୱାଧୀନତା ଦିବସ ପାଳନ ସମୟରେ ପତାକା ଉଡାଇବା ପୂର୍ବରୁ ଦେବେନ ପତାକା ମଧ୍ୟରେ ଫୁଲ ପାଖୁଡ଼ା ରଖାଯାଇ ପାରିବ । ପ୍ରତିମୂର୍ତ୍ତି ଉନ୍ମୋଚନ ସମୟରେ ପ୍ରତିମୂର୍ତ୍ତିକୁ ଆଚ୍ଛାଦିତ କରାଯିବ ଜାତୀୟ ପତାକା ବ୍ୟବହାର କରାଯାଇ ପାରିବ ନାହିଁ । ପ୍ରତିମୂର୍ତ୍ତି ସ୍ଥଳରେ ପୃଥକ ଭାବରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ ? । ଲଛକ୍ରତ ଭାବେ ଜାତୀୟ ପତାକାକୁ ଚଟାଣ, ଭୂମି କିମ୍ବା ଜଳରେ ସ୍ପର୍ଶ କରାଯିବା ଅନୁଚିତ୍ । ଯାନବାହାନ ରେଳଗାଡି, ନୌକା, ବିମାନର ହୁଡ, ପକ୍ଷପାଖ, ଉଭୟ ପାର୍ଶ୍ୱରେ ଜାତୀୟ ପତାକା ପ୍ରଦର୍ଶିତ କରାଯାଇ ପାରିବ ନାହିଁ । ଜନସାଧାରଣ ଓ ଅନୁଷ୍ଠାନ ଏ ସଂପର୍କରେ ସଚେତନତା ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଅଛି ।

ଜାତୀୟ ପତାକା ବ୍ୟବହାର ନିର୍ଦ୍ଦେଶନାମା

ପୁରୀ, ୨୪/୦୨ (ଆ.ପ୍ର) : ଜାତୀୟ ପତାକା ଆମ ରାଷ୍ଟ୍ରର ସମ୍ମାନ ଓ ଗୌରବର ପ୍ରତୀକ । ଏହାକୁ ଅଧୁର୍ଣ୍ଣ ରଖିବା ଆମ ସମ୍ମିଳନର ବାଧ୍ୟିତ୍ୱ । କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଜାତୀୟ ପତାକା ବ୍ୟବହାର ଏବଂ ସମ୍ମାନ ପ୍ରଦର୍ଶନ ନେଇ ଏକ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଜାତୀୟ ସମ୍ମାନର ଅପମାନ ନିବାରଣ ଆଇନ ୧୯୩୧ ଏବଂ ଭାରତୀୟ ଜାତୀୟ ପତାକା ସଂହିତା ୨୦୦୨(୨୦୨୧ ଏବଂ ୨୦୨୨ରେ ସଂଶୋଧନ)ରେ ଜାତୀୟ ପତାକାର ବ୍ୟବହାର, ଉତ୍ତୋଳନ, ପ୍ରଦର୍ଶନକୁ ନିୟନ୍ତ୍ରଣ କରାଯାଇଛି । ସଂଶୋଧିତ ଆଇନ ଅନୁଯାୟୀ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସାଂସ୍କୃତିକ ଏବଂ କ୍ରୀଡ଼ା କାର୍ଯ୍ୟକ୍ରମ ଅବସରରେ ସାଧାରଣ ଜନତା କାଗଜ ତିଆରି ଜାତୀୟ ପତାକା ଉଡାଇ ପାରିବେ । ତେବେ ଏହି କାଗଜ ତିଆରି ଜାତୀୟ ପତାକା କାର୍ଯ୍ୟକ୍ରମ ସମାପନ ପରେ ଫୋପାଡ଼ି ଦିଆଯିବ ନାହିଁକିମ୍ବା ଭୂମିରେ ପିଞ୍ଜାଯିବ ନାହିଁ । ପତାକା ଗୁଡ଼ିକୁ ବ୍ୟବହାରକାରୀ ପତାକା ର ମର୍ଯ୍ୟାଦା ସହିତ ବ୍ୟକ୍ତି ଗତ ଭାବେ ନଷ୍ଟ କରିବେ । ଭାରତୀୟ ଜାତୀୟ ପତାକା ପ୍ରତି ସାର୍ବଜନୀକ ଶ୍ରଦ୍ଧା, ସମ୍ମାନ ଏବଂ ଆନୁଗତ୍ୟ ରହିଛି । ତଥାପି ଜାତୀୟ ପତାକା ପ୍ରଦର୍ଶନ ପାଇଁ ପ୍ରଯୁଜ୍ୟ ଆଇନ, ଅଭ୍ୟାସ ଏବଂ ସମ୍ମିଳନୀ ସମ୍ପର୍କରେ ସଚେତନତାର ଏକ ସ୍ପଷ୍ଟ ଅଭାବ ପ୍ରକଟିତ ପରିଲକ୍ଷିତ ହେଉଛି । ତେଣୁ ଭାରତୀୟ ଜାତୀୟ ପତାକା ସଂହିତା ର ସଠାର୍ଥ ଅନୁପାଳନ ନିମନ୍ତେ ସମସ୍ତ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି ।

ପାପଡ଼ାହାଣ୍ଡି ବ୍ଲକରେ ବୃତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର

ପାପଡ଼ାହାଣ୍ଡି, ୨୪/୦୨ (ଆ.ପ୍ର) : ପାପଡ଼ାହାଣ୍ଡି ବ୍ଲକ ସରକାରୀ ବାମନ୍ଦେଇଗୁଡା ବିଦ୍ୟାଳୟର ଛାତ୍ରୀ ସୁଲଗ୍ନା ଦାସ ବୃତି ପରୀକ୍ଷାରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ବର୍ତ୍ତମାନ ସେ ଜବାହର ନବୋଦୟ ବିଦ୍ୟାଳୟ ଖାଡିଗୁଡ଼ା ଠାରେ ଷଷ୍ଠ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି । ସୁଲଗ୍ନା ଜଣେ ମେଧାବୀ ଛାତ୍ରୀ ସେ ବୃତୀୟ ଶ୍ରେଣୀ ପାଠ ପଢ଼ିବା ସମୟରେ ବୃତି ପରୀକ୍ଷାରେ ବ୍ଲକ୍‌ର ପ୍ରଥମ ସ୍ଥାନ ଅଧିକାର କରିଥିଲେ । ବ୍ଲକ ସ୍ତରରେ ଅନ୍ୟାନ୍ୟ ପ୍ରତିଯୋଗୀତା ସୁରଭି, ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନରେ ଅଂଶ ଗ୍ରହଣ କରି ସେଥିରେ ମଧ୍ୟ ବ୍ଲକ ପାଇ ଗୌରବ ଅର୍ଜନ କରିଛନ୍ତି । ଏହି ବୃତି ପରୀକ୍ଷାରେ ବ୍ଲକ ପ୍ରଥମ ସ୍ଥାନ ଅଧିକାର କରିବା ପରେ ଶିକ୍ଷୟତ୍ରୀ ଭାବେ କାର୍ଯ୍ୟରତ ମା ସ୍ନେହଲତା ସାମନ୍ତରାୟ ଓ ବାପା ଅଜିତ କୁମାର ଦାସ ଓ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀଙ୍କୁ ଶ୍ରେୟ ଦେଇଛନ୍ତି । ଭବିଷ୍ୟତରେ ସେ ଡାକ୍ତରୀ ପଢି ଗରିବ ଅସହାୟଙ୍କୁ ମାଗଣା ସେବା ଦେବାର ଲକ୍ଷ୍ୟ ରଖିଛନ୍ତି ।

ପାରିବାରିକ କନ୍ଦଳରେ ବଡ଼ଭାଇ ସାନଭାଇକୁ ମାରିଲା

ପାଚଲଖେମୁଣ୍ଡି, ୨୪/୦୨ (ଆ.ପ୍ର) : ଗଜପତି ଜିଲ୍ଲା ମୋହନା ଥାନା ଅନ୍ତର୍ଗତ କରଂଜକୁଡ଼ା ଗ୍ରାମରେ ଏକ ପାରିବାରିକ ଗଣ୍ଡଗୋଳରେ ବଡଭାଇ ସାନଭାଇକୁ ମାରିଛି । ଘଟଣାରୁ ପ୍ରକାଶ ଲିବୁ ମଲ୍ଲିକ୍ ଜଣେ, ଅଟୋ ଚାଳକ । ସେ ମଦପିଇ ନିଜ ସ୍ତ୍ରୀ ରଜନୀକୁ ମାରପିଟ କଲା । ଏହି ଘଟଣା ଦେଖି ଲିବୁର ବଡଭାଇ ଗୋବିନ୍ଦ ମଲ୍ଲିକ ତାକୁ ସେଥିରୁ ନିବୃତ କରିବାକୁ ଚେଷ୍ଟା କଲା । ପରେପରେ ଉଭୟଙ୍କ ମଧ୍ୟରେ କଳହ ସମୟରେ ଲିବୁର ଘଟଣା ସ୍ଥଳରେ ମୃତ୍ୟୁ ହୋଇଗଲା ।ପରେ ମୋହନା ପୋଲିସ ଆସି ଉକ୍ତ ଶବକୁ ଜବତ କରି ପୋଷ୍ଟମର୍ଟମ ପାଇଁ ପଠାଇଛି । ଗୋବିନ୍ଦକୁ ଥାନାରେ ଅଟକ ରଖାଯାଇଛି । ରଜନୀ କହିବା ଅନୁସାରେ ଲିବୁ ସବୁବେଳେ ମଦପିଇ ତାକୁ ମାରପିଟ କରେ । ସେହିଦିନ ଘଟଣାରେ ଗୋବିନ୍ଦ ତାକୁ ସୁରକ୍ଷା ଦେବାକୁ ଚେଷ୍ଟା କଲା ।

ମାଳ ମାଳ ପାଣି ଟାଙ୍କି ହେଲେ ମିଳୁନି ପିଇବା ପାଣି

ଯାଜପୁର, ୨୪/୦୨ (ଆ.ପ୍ର) : ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ, ମହେଶ୍ୱରପୁର, କମଧର, ଶାମଦାସ ପୁର, ଛତିଶ ବେଦିଲ, ସୁଜନ ପୁର,ଏରବାଙ୍କ, ସାହାସ ପୁର, ସିମିଳିଆ, ଆଦି ଯାଜପୁର ବ୍ଲକର ପ୍ରତ୍ୟେକ ପଂଚାୟତ ମାନଙ୍କରେ ପାନୀୟ ଜଳର ଉତ୍କଟ ଅଭାବ ଦେଖା ଦେଇଛି । କୁଟ୍ରେ ତଳ ଜଳସ୍ତର କମିଯିବାରୁ ସରୋଜ ନଳକୂପରୁ ଆବଶ୍ୟକ କରୁଥିବା ପାଣି ବାହାରୁନାହିଁ, ସରକାରଙ୍କ ପକ୍ଷରୁ ପାନୀୟ ଜଳ ଯୋଗାଣ ନିମନ୍ତେ ମେଗା ପ୍ରକଳ୍ପ ଆଜକୁ ତିନି ବର୍ଷ ହେଲା ନାମକୁ ମାତ୍ର ପାଇପ୍ ବିଛାଇ ନିଜର କର୍ତ୍ତବ୍ୟ ସାରିଦେଇଛି ହେଲେ ପାଣି ମୁହେଁ ନାହିଁ । ରାଜ୍ୟ ସରକାରଙ୍କ ତରଫରୁ ପ୍ରତ୍ୟେକ ପଂଚାୟତରେ ସୁଜଳ ପାଣି ଟାଙ୍କି ନିର୍ମାଣ କରି ଠିକାଦାର ଙ୍କୁ ମାରିଛି । ନଦୀ ନାଳ, ଗାଁ ଗଣ୍ଡାରେ ଥିବା ଗଡିଆ ପୋଖରୀ ଶୁଖିବାକୁ ବସିଲାଣି ଫଳରେ ଗୃହପାଳିତ ପଶୁପକ୍ଷୀ ମଧ୍ୟ ପିଇବା ପାଣି ଟୋପାଏ ପାଇବା କଷ୍ଟକର ହେବ । ସରକାରଙ୍କ ତରଫରୁ ମୁଖ୍ୟମନ୍ତ୍ରୀ ଚଳିତ ବିଧାନସଭା ଅଧିବେଶନ ସମୟରେ ପାନୀୟଜଳ ଯୋଗାଣ ଉପରେ ଗୁରୁତ୍ୱାରୋପ କରିଥିଲେ, ହେଲେ ବିଭାଗୀୟ ଅଧିକାରୀମାନେ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକୁ ଅଣଦେଖା କରୁଥିବା ଦେଖିବାକୁ ମିଳୁଛି । ସରକାର ତୁରନ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକାରୀ କରି ପାଇପ ମାଧ୍ୟମରେ ପାଣି ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

ଲଙ୍କାପୋଡ଼ି ଯାତ୍ରା ନିମନ୍ତେ ସ୍ଥାପନ ହେଲା ଶୁଭ ଖୁଂଟି

ଦଶପଲ୍ଲା ୨୪/୦୨ (ଆ.ପ୍ର) : ଶ୍ରୀ ଶ୍ରୀ ଉନ୍ନୋଭାଜୀଙ୍କ ପୂର୍ବିକ ଲଙ୍କାପୋଡ଼ି ଯାତ୍ରା - ୨୦୨୬ ନିମନ୍ତେ ଆରାଧ୍ୟ ଦାରୁର ପ୍ରଭୁ ମହାବୀରୀଙ୍କ ମନ୍ଦିର ସମ୍ମୁଖରେ ଯାତ୍ରାର ଆଦ୍ୟ ପର୍ବ ଶୁଭ ଖୁଂଟି ସ୍ଥାପନ ପାରମ୍ପରିକ ରୀତି - ନୀତି ଓ ପରମ୍ପରା ଅନୁଯାୟୀ ବିଶେଷ ପୂଜାର୍ଚ୍ଚନା ସହ ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଯାଇଛି । ଉତ୍ସବସରରେ ଲଙ୍କାପୋଡ଼ି ଯାତ୍ରା କମିଟିର କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ସୂଚନା ଯୋଗ୍ୟ ଯେ, ୨୦୨୬ ବର୍ଷର ପ୍ରସିଦ୍ଧ ଲଙ୍କାପୋଡ଼ି ଯାତ୍ରା ମାର୍ଚ୍ଚ ୨୭ ତାରିଖରୁ ଏପ୍ରିଲ ୮ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ଯାତ୍ରାର ମୁଖ୍ୟଆକର୍ଷଣ 'ରାବଣ ବଧ' ଏପ୍ରିଲ ୭ ତାରିଖ ଦିନ ଅନୁଷ୍ଠିତ ହେବ ବୋଲି ଜଣାପଡିଛି ।

ନିମାପଡ଼ା ଓ ତୁଳସୀପୁର ଠାରେ ବାଂଲାଦେଶୀଙ୍କ ସଂଖ୍ୟା ବୃଦ୍ଧି

ନିମାପଡ଼ା, ୨୪/୦୨ (ଆ.ପ୍ର) : ପୁରୀ ଜିଲ୍ଲା ନିମାପଡ଼ା ଅଂଚଳରେ ଚିନ୍ତା ଜାତାଇଛନ୍ତି ବାଂଲାଦେଶୀ ଅନୁପ୍ରବେଶକାରୀ । ପୁରୀ ଜିଲ୍ଲାର ନିମାପଡ଼ା ଓ ତୁଳସୀପୁର ଅଂଚଳ ରେ ଦିନକୁ ଦିନ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିଲେ ମଧ୍ୟ ପୋଲିସ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଉନାହିଁ । ଫଳରେ ସାଧାରଣ ରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି । ଏମାନେ ସବୁ ସରକାରୀ ଜମିକୁ ଜବରଦଖଲ କରି ଗୃହ ନିର୍ମାଣ କରି ବସବାସ କରିବା ସହିତ ଧୀରେ ଧୀରେ ସରକାରୀ ଜମିକୁ ନିଜ ଅଧିକାରକୁ ନେଇ ଯାଉଛନ୍ତି । ରାତି ଅଧରେ ଏହି ବାଂଲା

ଶୀର୍ଷରେଖା
ଆରମ୍ଭ
SEITHO ARAMBHA
ବୁଧବାର, ୨୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

୭ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟ, ବାପୁଜୀ କ୍ଲବ କଟକ ବିଜୟୀ

ଖଣ୍ଡପଡ଼ା, ୨୪/୦୨ (ଆ.ପ୍ର) : ଖଣ୍ଡପଡା ସହରର ମଧୁସୂଦନ ମିନି ଷ୍ଟାଡିୟମ ପରିସରରେ ଖଣ୍ଡପଡ଼ା ସ୍ପୋର୍ଟସ ଆସୋସିଏସନ୍ ଆନୁକୂଲ୍ୟରେ ଚାଲିଥିବା ୭ ମ ରାଜ୍ୟସ୍ତରୀୟ ମହେନ୍ଦ୍ର ସ୍ୱାଇଁ ମେମୋରିଆଲ କପ୍ ଫୁଟବଲ ଟୁର୍ଣ୍ଣାମେଂଟର ମଙ୍ଗଳବାର ଅନୁଷ୍ଠିତ ଶୀୟ ମ୍ୟାଚରେ ବାପୁଜୀ କ୍ଲବ କଟକ ୨-୦ ଗୋଲରେ ସ୍ପୋର୍ଟସ ଆସୋସିଏସନ୍ ଖଣ୍ଡପଡ଼ାକୁ ପରାସ୍ତ କରି ବିଜୟୀ ହୋଇଥିବା ଜଣାଯାଇଛି । ମୁଖ୍ୟ ରେଫରୀ ଭାବେ ବରିଷ୍ଠ କ୍ରୀଡାବିତ ପ୍ରସନ୍ନ ନାୟକ ମ୍ୟାଚକୁ ପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ସହାୟତା କରିଥିଲେ ବିଦେଶୀ ନାୟକ ଓ ପ୍ରଫୁଲ୍ଲ ବେହେରା । ଚତୁର୍ଥ ରେଫରୀ ଭାବେ ପୂର୍ବତ୍ୟାଗ ଦଳବେହେରା ବାୟାତ୍ୱ ତୁଲାଇଥିଲେ । ଅତିଥି ଭାବେ ବରିଷ୍ଠ ଡାକ୍ତର ପ୍ରଦୀପ କୁମାର ପାଇକରାୟ, ଖଣ୍ଡପଡ଼ା ବନାଂଚଳ ଅଧିକାରୀ ବିଜୁପ୍ରସ କୁମାର ପଟ୍ଟନାୟକ, ଭାସୁର ବ୍ଲକ ଜନୁୟନ ଅଧିକାରୀ ସାରଦା ପ୍ରସନ୍ନ ପଣ୍ଡା ପ୍ରମୁଖ ଯୋଗଦେବ ଖେଳାଳୀ ଓ ଆୟୋଜକ ମାନଙ୍କୁ ଉତ୍ସାହିତ କରିଥିଲେ । ଆସନ୍ତାକାଲି ବୁଧବାର ଫ୍ରେଣ୍ଡସ ପାରାଡାଇଜ ଜବଣ୍ଡା ଓ ବରି ଷ୍ଟୋଟିଙ୍ଗ ବୌଦ୍ଧ ମଧ୍ୟରେ ଶେଷ ଲିଗ୍ ମ୍ୟାଚ ଅନୁଷ୍ଠିତ ହେବ ବୋଲି ଟୁର୍ଣ୍ଣାମେଂଟର ଆୟୋଜକ ତଥା ବରିଷ୍ଠ କ୍ରୀଡାବିତ ଲିଜାରୀ ଖଣ୍ଡାୟତଙ୍କ ଠାରୁ ପ୍ରକାଶ ।

ପ୍ରଭୁ ଜଗନ୍ନାଥଙ୍କୁ ପୁଅ କରି ନିଜ ଘର ଦାନ କଲେ

ପାରଳାଖେମୁଣ୍ଡି, ୨୪/୦୨ (ଆ.ପ୍ର) : ଜଗନ୍ନାଥଙ୍କ ଜଣେ ଶ୍ରଦ୍ଧାଳୁ କନକପ୍ରଭା ପାତ୍ର ସ୍ୱୟଂ ଜଗନ୍ନାଥଙ୍କୁ ନିଜ ଘର ଦାନ କରିଛନ୍ତି । ପାରଳାଖେମୁଣ୍ଡି ସହରର ସୁନାରୀସାହିରେ ରହୁଥିବା ଏହି ମହିଳା ଗତବର୍ଷ ନିଜ ସ୍ୱାମୀ ସତ୍ୟନାରାୟଣ ପାତ୍ରଙ୍କୁ ହରାଇଥିଲେ । ତାଙ୍କର ସ୍ୱାମୀ ଜଣେ ଜଗନ୍ନାଥଙ୍କ ଶ୍ରେଷ୍ଠ ଭକ୍ତ ଥିଲେ । ସେ କୋରାପୁଟ ଶାବର ଶ୍ରୀକ୍ଷେତ୍ର ଏବଂ ପାରଳାଖେମୁଣ୍ଡି ଜଗନ୍ନାଥ ମନ୍ଦିର ସହ ସଂପୂର୍ଣ୍ଣ ଭାବେ ଜଡିତ ଥିଲେ । ବର୍ତମାନ ଉକ୍ତ ମହିଳା କୋରାପୁଟରେ ରହୁଛନ୍ତି । ସେ ନିଜେ ଆସି ମନ୍ଦିର କମିଟି ସଦସ୍ୟ ମାନଙ୍କ ସହ ସାକ୍ଷାତ କରି ଏହି ନିଷ୍ପତ୍ତି ନେଇଛନ୍ତି । ସେ କହିଛନ୍ତି ପ୍ରଭୁ ଜଗନ୍ନାଥ ତାଙ୍କର ପୁଅ । ତେଣୁ ନିଜ ପୁଅଙ୍କୁ ନିଜ ଘର ଦାନ କରିଛନ୍ତି । ମନ୍ଦିର ପ୍ରାଙ୍ଗଣରେ କମିଟି, ସେବାୟତ ଓ କୃଷିଜୀବୀ ମାନଙ୍କୁ ସାକ୍ଷୀ ରଖି ଏହିଭଳି ନିଷ୍ପତ୍ତି ନେଇଛନ୍ତି ।

ବୁଲା କୁକୁରଙ୍କ ଆକ୍ରମଣରୁ ଶିଶୁଙ୍କୁ ସୁରକ୍ଷା ବୈଠକ ଅନୁଷ୍ଠିତ

ପୁରୀ, ୨୪/୦୨ (ଆ.ପ୍ର) : ମଙ୍ଗଳବାର ପୂର୍ବାହ୍ନରେ ବୁଲା କୁକୁର ଆକ୍ରମଣରୁ ଶିଶୁ ମାନଙ୍କୁ ସୁରକ୍ଷିତ ରଖିବା ନିମନ୍ତେ ଜିଲ୍ଲାପାଳ ବିଦ୍ୟୋତି ପରିଡାଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ପରିଷଦ ସଭାକକ୍ଷ, ଗୃହରେ ଜିଲ୍ଲାର ଅଧିକାରୀମାନଙ୍କୁ ନେଇ ଜିଲ୍ଲା ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟଗଞ୍ଜନ ପୃଷ୍ଟି, ଜିଲ୍ଲା ମୁଖ୍ୟ ଚିକିତ୍ସକ । ଅଧିକାରୀ ଡା ଅକ୍ଷୟ କୁମାର ଶତପଥି, ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରିୟା ବେହେରା, ଜିଲ୍ଲା ଶିକ୍ଷା ଅଧିକାରୀ ଦୀପକ କୁମାର ପାଢ଼ୀ, ଜିଲ୍ଲା କାର୍ଯ୍ୟସୂଚୀ ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜିକା, ମିଶନ ଶକ୍ତି ଓ ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରିଣୀଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା । ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ତରଫରୁ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ, ଅଙ୍ଗନୱାଡି କର୍ମୀ ପରିବେଶରେ ଅଙ୍ଗନୱାଡିକର୍ମୀ ମାନେ କୋଡ଼ାଳ-ଅଫିସର ଭାବେ ଶିଶୁମାନଙ୍କୁ ବୁଲା କୁକୁର ଓ ଗାଈ ମାନଙ୍କ ଠାରୁ କିପରି ସୁରକ୍ଷିତ ରଖିବେ, ବଳକା ଖାଦ୍ୟ ଏଠିସେଠି ନପକାଇ ଡଷ୍ଟବିନ୍ ରେ ପକାଇବେ ଓ ଏ ସମ୍ବନ୍ଧରେ ଅନ୍ୟ ମାନଙ୍କୁ ସଚେତନ କରିବା ସହ ନିଜର ଅର୍ଥାତ ଅଙ୍ଗନୱାଡି କର୍ମୀଙ୍କର ନାମ, ପଦବୀ ଓ ଫୋନ ନମ୍ବର ଅଙ୍ଗନୱାଡି ବାଗର କାନ୍ଥରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲେଖିବେ ବୋଲି ଜଣାଇଥିଲେ । ସେହିପରି ଜିଲ୍ଲାର ମୁଖ୍ୟ ପଶୁ ଚିକିତ୍ସା ଅଧିକାରୀ ଶତରୁ କୁମାର ବେହେରା ମାନ୍ୟବର କୋର୍ଟଙ୍କ ଆଦେଶ ମୁତାବକ ବୁଲା କୁକୁର ମାନଙ୍କୁ ରାସ୍ତା ଘାଟ ବା ଏଣେତେଣେ ଖାଇବାକୁ ଦେବା ଦଣ୍ଡନୀୟ ଅପରାଧ ଅଟେ ବୋଲି କହିବା ସହ ଏଥିରୁ ନିବୃତ ରହିବାକୁ ଅନୁରୋଧ କରିଥିଲେ ।

ରନ୍ ଭଣ୍ଡାର ଗଣତି ମଣତି ପାଇଁ ସମୀକ୍ଷା ବୈଠକ ଅନୁଷ୍ଠିତ

ପୁରୀ, ୨୪/୦୨ (ଆ.ପ୍ର) : ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିରର ରନ୍ଧ ଭଣ୍ଡାର ରନ୍ଧ ଗଣତି ମଣତି ପାଇଁ ମଙ୍ଗଳବାର ଦିନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ସୂଚନା ଅନୁସାରେ ରନ୍ଧ ଗଣତି ମଣତି ପାଇଁ ରାଜ୍ୟ ସରକାରଙ୍କ ଅନୁମୋଦିତ ଗାଇଡ଼ ଲାଇନ(ଏସଓପି) ଅନୁସାରେ ଏବଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ଶୁଭ ମୁହୂର୍ତ୍ତ ରେ ଏହି ପ୍ରକ୍ରିୟା ଆରମ୍ଭ ହେବ । ଗଣତି ମଣତି ପ୍ରକ୍ରିୟା ପାଇଁ ଯାହା ଅନୁସାଙ୍ଗିକ ବ୍ୟବସ୍ଥା ବରକାର ତାହା ସମ୍ପନ୍ନ ଅଧିକାରୀ ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି । ଗଣତି ମଣତି ପାଇଁ ଦୁଇଟି ଟିମ ଗଠିବେ ସେଥିମଧ୍ୟରୁ ଗୋଟିଏ ତତ୍ତାବଧାରକ ଦଳ ଏବଂ ଅନ୍ୟଟି କାର୍ଯ୍ୟକାରୀ ଦଳ । ସେହିପରି ପୂର୍ବ ରନ୍ଧ ଏବଂ ଅଳଙ୍କାର ନାମ ତାଲିକା ଅନୁସାରେ ବର୍ତମାନ ତାଲିକା ପ୍ରସ୍ତୁତି କରାଯିବ । କାହାର ରନ୍ଧ ଭଣ୍ଡାର ଗଣତି ମଣତି ପରେ ଭିତର ଭଣ୍ଡାର ଗଣତି କରାଯିବ ବୋଲି ମୁଖ୍ୟ ପ୍ରଶାସକ ସୂଚନା ପ୍ରଦାନ କରିଛନ୍ତି । ଏହି ବୈଠକ ରେ ଜିଲ୍ଲାପାଳ ବିଦ୍ୟୋତ୍ୟୋତି ପରିଡା, ଆରକ୍ଷୀ ଅଧୀକ୍ଷକ ପ୍ରତୀକ ସିଂହ ସମ୍ପୃକ୍ତ ଅନେକ ଅଧିକାରି ବୈଠକରେ ଅଂଶଗ୍ରହଣ କରିଥିଲେ ।

କବି ଶ୍ୟାମ ସେନାପତି ସମ୍ବର୍ଦ୍ଧିତ

ପୁରୀ, ୨୪/୦୨ (ଆ.ପ୍ର) : ଓଡ଼ିଶା ସାହିତ୍ୟ ଏକାଡ଼େମୀ ଏବଂ ପ୍ରମୁଖ ସାହିତ୍ୟ ପତ୍ରିକା 'ରନ୍ଦିଚିରା' ଦ୍ୱାରା ଭୁବନେଶ୍ୱର ବୁଦ୍ଧ ମନ୍ଦିର ସମ୍ମିଳନୀ କକ୍ଷରେ ଆୟୋଜିତ ବସନ୍ତ ମିଳନ ଆସର 'ଲାଦସଷ' କାର୍ଯ୍ୟକ୍ରମ ଅବସରରେ କବି ତଥା ଅଭିନନ୍ଦନିକାର ପ୍ରତିଷ୍ଠାତା ସମ୍ମାନିତ ଶ୍ୟାମ ସେନାପତିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏଥିରେ ରାଜ୍ୟ ସଂସ୍କୃତି ବିଭାଗର ପ୍ରାକ୍ତନ ପ୍ରମୁଖ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ, ସାହିତ୍ୟ ଏକାଡ଼େମୀ ସଚିବ ଚନ୍ଦ୍ରଶେଖର ହୋତା, ଭଳ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ନିୟତି ପଟ୍ଟନାୟକ, ବିଶିଷ୍ଟ ପ୍ରାବନ୍ଧିକା ଓ ସମାଲୋଚିକା ବିଶ୍ୱ ପ୍ରିୟା ଓଡା ପ୍ରମୁଖ ଅତିଥି ଭାବେ ମଂଚାସୀନ ଥିଲେ । ଏହି ବିଶେଷ ସମ୍ବାଦିତ ଲେଖକ ସାହିତ୍ୟ ଏକାଡ଼େମୀ ପୁରସ୍କାର ପ୍ରାପ୍ତ ସୁନାମଧନ୍ୟ କବି ଗୋପାଳକୃଷ୍ଣ ରଉତଙ୍କୁ ସମର୍ପିତ କରାଯାଇଥିଲା । କବି ସ୍ନେହଲତା ପୃଷ୍ଟିଙ୍କ ଲାଳିତ୍ୟମୟ ସଂଯୋଜନାରେ ଅନୁଷ୍ଠିତ ଏହି ଆସରରେ ପ୍ରତିଷ୍ଠିତ କବି ପ୍ରଦୀପ ବିଶ୍ୱାଳ, ରଞ୍ଜନ କୁମାର ଦାସ, ରଶ୍ମିକ ନାୟକ, ସୂର୍ଯ୍ୟ ମିଶ୍ର, ଜମଜ କୁମାର ମହାଣି, ବିଜୟ ମଲ୍ଲ, ସୁଷମା ମିଶ୍ର, ରବି ଶତପଥୀ, ସୁବ୍ରତ ଦାସ, ସରୋଜ କଳ, ଅଶ୍ୱିନୀ ସୂତାର, ଆନପା ମାର୍ଣ୍ଣି, ସ୍ୱପ୍ନପ୍ରଭା ରଥ, ଶିବ ଶଙ୍କର ସାହୁ, ନିରୁପମା ଜର, ନୃସିଂହ ତରାଙ୍କ ସମେତ ଓଡ଼ିଶାରୁ ତିରିଶ ଜଣ କବି ଯୋଗ ଦେଇଥିଲେ ।

ରାଜ୍ୟ ମାଫିଆ କନ୍ଧମାଳରେ ଧରାପଡ଼ିଲେ

ଜି. ଉଦୟଗିରି, ୨୪/୦୨ (ଆ.ପ୍ର) : ରାଜ୍ୟ ବାହାରୁ ନିଶା ମାଫିଆ କନ୍ଧମାଳକୁ ଆସି ଗଞ୍ଜେଇ ଚାଲାଣ କରୁଥିବା ବେଳେ ଜି. ଉଦୟଗିରି ପୁଲିସ ହାତରେ ଧରା ପଡ଼ି ୪ ଯୁବକଙ୍କୁ ଜେଲ ଯିବାକୁ ପଡ଼ିଛି । ସ୍ଥାନୀୟ ଆଇଆଇସି ବିଜୟ କୁମାର ସ୍ୱାଇଁଙ୍କ ସୂଚନା ଅନୁସାରେ ୪ଜଣ ଯୁବକ ଗଞ୍ଜେଇ ନେଇ ବ୍ରହ୍ମପୁର ଯିବାକୁ ବସକୁ ଅପେକ୍ଷା କରିଥିବା ବେଳେ ପୁଲିସ ଟିମ ସନ୍ଦେହ କରି ଯାଂଚ କରିଥିଲେ । ଯାଂଚ ବେଳେ ସେମାନଙ୍କ ଠାରୁ ୧୩.୨ କେଜି ଗଞ୍ଜେଇ ଜବତ କରିବା ସହ ୪ଟି ମୋବାଇଲ ଜବତ କରିଛି ପୋଲିସ । ଥାନା କେଶ ନଂ୩୩/୨୬ଧାରା୨୦(ବି) (ସଏ) (ବି)ଏନଡିପିଏସରେ ମାମଲା ରୁଜୁ କରି ଥାନା ଏସଆଇ ଗୁପକ ବଲେଇଙ୍କୁ ତଦନ୍ତ ଦାୟିତ୍ୱ ଦିଆଯାଇଛି । ସ୍ଥାନୀୟ ଅତିରିକ୍ତ ତହସିଲଦାରଙ୍କ ଉପସ୍ଥିତି ରେ ଗଞ୍ଜେଇ ଜବତ କରି ଗିରଫ ୪ ଅଭିଯୁକ୍ତ କେରଳର ସାଜିନ ସାଜି(୨୫), ଆନନ୍ଦୁ ସାଜି(୨୬), ଜଣିନ ପାଗାର ଏବଂ ଆୟାଡି ଶୋମନ(୨୭) ମାନଙ୍କୁ ଜୋର୍ଟ ଚାଲାଣ କରିଥିବା ନେଇ ତଦନ୍ତ ଅଧିକାରୀ ସୂଚନା ପ୍ରଦାନ କରିଛନ୍ତି ।

ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଉଦ୍‌ଯାପିତ

ଜଗତସିଂହପୁର, ୨୪/୦୨ (ଆ.ପ୍ର) : ଜଗତସିଂହପୁର ଜିଲ୍ଲାର ତଣ୍ଡାପଡା ପଂଚାୟତପୁର ସାହାଡା ଗ୍ରାମରେ ଶ୍ରୀଶ୍ରୀ ଗୋପୀନାଥ ଜୀଉଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ମହାସମାରୋହରେ ଉଦଯାପିତ ହୋଇଯାଇଛି । ଶ୍ରୀଗୋପୀନାଥ ବାଡବ୍ୟ ଟ୍ରଷ୍ଟର ଅଧ୍ୟକ୍ଷ ଡ ବଟ କିଶୋର ରାୟଙ୍କ ଏଥିରେ ସଭାପତିତ୍ୱ କରିଥିଲେ । ଧାରାବାହିକ ପ୍ରବକ୍ତା ବ୍ରହ୍ମଚାରୀ ସତ୍ୟାନନ୍ଦ ଦାସ ମହାରାଜ ଶ୍ରୀମଦ୍ ଭାଗବତ ଗପରେ ବକ୍ତବ୍ୟ ରଖି କହିଲେ ଯେ ଗୀତା ଓ ଭାଗବତ ହେଉଛନ୍ତି ଭଗବାନ ଶ୍ରୀକୃଷ୍ଣଙ୍କ ବାଚନିକ ବିଗ୍ରହ । ପରମ ଶାଷ୍ଟ ଭାଗବତକୁ ନିତ୍ୟ ପାଠ ଓ ଶ୍ରବଣ କଲେ ମନୁଷ୍ୟ ମୋକ୍ଷ ପଥର ଯାତ୍ରୀ ହେବ । ସପ୍ତମଂଗ ଶେଷରେ ବାବା ସତ୍ୟାନନ୍ଦଙ୍କୁ ମହାପ୍ରଭୁଙ୍କ ଅଂଗଲାଗି ବସ୍ତ୍ର, ପୁଷ୍ପମାଲ୍ୟ ଓ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା । ଭବଯାତ୍ରୀ ଦିବସର ପୂର୍ବାହ୍ନରେ ଗୋପୀନାଥ ଜୀଉଙ୍କ ତଜନ୍ତି ବିଗ୍ରହଙ୍କୁ ସଂକୀର୍ତ୍ତନର ସମ୍ବଳ ଗ୍ରାମକୁ ନଗର ଭ୍ରମଣରେ ନିଆଯାଇଥିଲା । ଅପରାହ୍ନରେ ଶ୍ରୀମଦ୍ ଭଗବତ୍ ଗୀତାରେ ଆହୁତି ପ୍ରଦାନ ସଂଗେ ସଂଗେ ଦିଅଁମାନଙ୍କୁ ସିଂହାସନ ଆରୋହଣ କରାଯାଇଥିଲା । ନୂତନ ବିଗ୍ରହ ସ୍ଥାପନ ପରେ ବିଶିଷ୍ଟ ଲିୟାଯୋଗୀ ସ୍ୱାମୀ ଶ୍ରଦ୍ଧାନନ୍ଦ ଗିରି ଶ୍ରୀଶ୍ରୀ ଗୋପୀନାଥ ଜୀଉ ଓ ମାତା ରାଧାରାଣୀଙ୍କ ପ୍ରଥମ ଆରତି କରିଥିଲେ । ପ୍ରକାଶ ଆଶ୍ରମି ସ୍ୱାମୀ ଶ୍ରଦ୍ଧାନନ୍ଦ ଜୀ ମହାରାଜ ଏହି ମନ୍ଦିର ଶୁଭ ହେଉଥିଲେ । ପ୍ରାରମ୍ଭରେ ନାଇଜରର ପ୍ରାକ୍ତନ ଜୁଜସଚିବ ତଥା ବୃଷ୍ଟି ଡ ଅଭୟ ନାୟକ ସ୍ୱାଗତ ଭାଷଣ ଦେଇଥିଲାବେଳେ ଅଧ୍ୟାପକ ପ୍ରଶାନ୍ତ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଗୋପୀନାଥ ପୀଠ ଉନ୍ନତି କଳ୍ପେ ଯେଉଁମାନେ ଶ୍ରମଦାନ ତଥା ସହଯୋଗ କରିଥିଲେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଶ୍ରୀସୁରେଶ ଚୌଧୁରୀ, ହରେକୃଷ୍ଣ ରାୟ ଓ ସୌଭାଗିନୀ ରାୟ । ଶେଷରେ ନିର୍ମାଲ୍ୟର ମୁଖ୍ୟ ସଂପାଦକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ବୃଷ୍ଣାର କାନ୍ତ ଦାସ, ସୁଦର୍ଶନ ରାୟ, ଲଳାଟେନ୍ଦୁ ରାୟ, ଗିରିଜା ପ୍ରସାଦ ନନ୍ଦ, ରାମେଶ୍ୱର ସାହୁ, ଲଳାଟେନ୍ଦୁ ରାୟ ଏବଂ ଇସିତ ଦାସ ।

ସରପୁର ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ୨୦୨୬ ଉତ୍ସାହର ସହ ଅନୁଷ୍ଠିତ

ଅସୁରାଳି, ୨୪/୦୨ (ଆ.ପ୍ର) : ଧାମନଗର ବ୍ଲକ ସରପୁର ପ୍ରାଥମିକ ବିଦ୍ୟାଳୟରେ ୨୦୨୬ର ବାର୍ଷିକ ଉତ୍ସବ ଆନନ୍ଦ ଓ ଉତ୍ସାହମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଋତୁପଦ୍ମା ସରପଂଚ ଅନୁସୟା ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହାୟକ ଉଦ୍ ବୋଧନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଗୋବିନ୍ଦ ପୁର ପଂଚାୟତ ସିଆରସି ନୃସିଂହ ଚରଣ ସାହୁ ଉପସ୍ଥିତ ଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୂର୍ଯ୍ୟକାନ୍ତ ପଣ୍ଡା କାର୍ଯ୍ୟକ୍ରମକୁ ସୁଚାରୁ ଭାବେ ପରିଚାଳନା କରିଥିଲେ । ଅବସରପ୍ରାପ୍ତ ଶିକ୍ଷକ ଧନେଶ୍ୱର ସାହୁ ଓ ଶାନ୍ତିଲତା ସାହୁ, ବର୍ତମାନ ଶିକ୍ଷକ ଅଥୟ ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମାନସ ସାହୁ ସହ ଅନ୍ୟାନ୍ୟ ଅଭିଭାବକ ଓ ଗ୍ରାମବାସୀମାନେ ଉପସ୍ଥିତ ଥିଲେ । ଛାତ୍ରଛାତ୍ରୀମାନେ ନୃତ୍ୟ, ସଙ୍ଗୀତ ଓ ବିଭିନ୍ନ ସାହିତ୍ୟିକ କାର୍ଯ୍ୟକ୍ରମ ପ୍ରଦର୍ଶନ କରି ସଭାକୁ ମନୋମୁଗ୍ଧ କରିଥିଲେ । ଶେଷରେ ଅତିଥିମାନଙ୍କ ହସ୍ତେ ପ୍ରତିଭାଶାଳୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ ।

ଗୌରାଙ୍ଗପୁରରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ପ୍ରତିଷ୍ଠା ଉତ୍ସବ ନେଇ ପ୍ରସ୍ତୁତି ବୈଠକ

ଧାମନଗର, ୨୪/୦୨ (ଆ.ପ୍ର) : ଧାମନଗର ବ୍ଲକ ଅନ୍ତର୍ଗତ ଗୋଦଡ଼ା ପଂଚାୟତ ଗୌରାଙ୍ଗପୁର ଜୟନ୍ତିରାରେ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ଭବ୍ୟ ନବକଳେବର ପ୍ରାଣ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଂଚିଛି । ଉତ୍ସବକୁ ଭବ୍ୟ ରୂପେ ପାଳନ କରି ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ କମିଟି ପକ୍ଷରୁ କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି । ସୂଚନାନୁସାରେ ୨୪ ରୁ ୨୮ ତାରିଖ ପର୍ଯ୍ୟନ୍ତ ଚାରି ଦିନ ଧରି ଏହି ମହାକୁମ୍ଭର ଆୟୋଜିତ ହେବ । ୨୪ ତାରିଖରେ ବେଦୀ ପ୍ରସ୍ତୁତି, ମଣ୍ଡପ ରଚନା ଓ ୨୪ ପ୍ରହରୀ ନାମ ସଙ୍କୀର୍ତ୍ତନର ସୁରାଧିବାସ କାର୍ଯ୍ୟକ୍ରମ ରହିଛି । ୨୫ ତାରିଖରେ ମହିଳାମାନଙ୍କ ଦ୍ୱାରା ୧୦୮ କଳସ ସୁଭାଯାତ୍ରା ଅନୁଷ୍ଠିତ ହେବା ସହିତ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ଉପସ୍ଥିତିରେ ଚୈତନ୍ୟଙ୍କ ନାମରେ ବଡି ଭାଣ୍ଡାରକ, ଯଜ୍ଞାରମ୍ଭ ଓ ଅଙ୍କୁର ପୂଜା କାର୍ଯ୍ୟ ସମ୍ପନ୍ନ ହେବ । ୨୬ ତାରିଖରେ ନୂତନ ବିଗ୍ରହର ପ୍ରାଣ ପ୍ରତିଷ୍ଠା, ବୈଷ୍ଣବ ସଙ୍କୀର୍ତ୍ତନ ଓ ପୁରୁଣା ବିଗ୍ରହଙ୍କ ପାତାଳୀ କାର୍ଯ୍ୟ ହେବ । ୨୭ ତାରିଖରେ ଯଜ୍ଞ ପୂର୍ଣ୍ଣାହୁତି ଓ ୨୮ ତାରିଖରେ ସାଧୁ, ସନ୍ତ ସମ୍ମିଳନୀ, ନଗର ପରିକ୍ରମା ସହିତ ଉତ୍ସବର ସମାପନ ହେବ । ସୂଚନା ଅନୁସାରେ ପ୍ରାୟ ୪୦୦ ବର୍ଷ ପୂର୍ବରୁ ଏହି ମଠରେ ଚୈତନ୍ୟ ମହାପ୍ରଭୁଙ୍କ ବିଗ୍ରହର ପୂଜାର୍ଚ୍ଚନା ହୋଇଆସୁଥିଲା । ଦୀର୍ଘବର୍ଷ ଧରି ବିଗ୍ରହ ଜଷ୍ଟ ହୋଇଯାଇଥିବାରୁ ଅଂଚଳବାସୀଙ୍କ ପକ୍ଷରୁ ନୂତନ ବିଗ୍ରହ ପ୍ରତିଷ୍ଠା ପାଇଁ ଏହି ମହାକୁମ୍ଭାନର ଆୟୋଜନ କରାଯାଇଛି । ଏହି ମହାକୁମ୍ଭାନକୁ ବରଦା ପ୍ରସାଦ ମହାପାତ୍ର ନେତୃତ୍ୱ ଅନୁଷ୍ଠିତ ହେବ । ଇତିହାସ ଅନୁସାରେ ୧୫୨୬ ମସିହାରେ ସ୍ଥାନୀୟ ବଂଶାଧର ଗୋସ୍ୱାମୀଙ୍କ ଦ୍ୱାରା ଚୈତନ୍ୟ ମଠଟି ସ୍ଥାପିତ ହୋଇଥିଲା । ପୁରୀ ଯାତ୍ରା ସମୟରେ ଚୈତନ୍ୟ ମହାପ୍ରଭୁ ଏଠାରେ ବିଶ୍ରାମ ନେଇଥିବାରୁ ଏହା 'ଚୈତନ୍ୟ ମଠ' ନାମରେ ପରିଚିତ ହୋଇଥିଲା । ଗୌରାଙ୍ଗ ବେହେରା ନାମାନୁସାରେ ଗ୍ରାମଟି 'ଗୌରାଙ୍ଗପୁର' ଭାବେ ପରିଚିତ । ପ୍ରତ୍ୟେକ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ, ପ୍ରବଚନ ଓ ବିଭିନ୍ନ ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ଆଜି ସୂଚନା

ଶୀର୍ଷକୁଞ୍ଜ
ଆରମ୍ଭ
SEITHO ARAMBHA
ବୁଧବାର, ୨୫ ଫେବୃୟାରୀ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଜିମ୍ବାୱେ ପରୀକ୍ଷା ପାଇଁ ପିଚ୍ ଆଶ୍ୱସ୍ତି: ବାମହାତୀଙ୍କ ଭିଡ଼ ପାଇଁ ଚିନ୍ତା

ଚେନ୍ନାଇ, ୨୪/୨(ନ୍ୟୁ.ଏ): ଚଳିତ ଆଇସିସି ଟ୍ୱେଂଟି-୨୦ ବିଶ୍ୱକପ୍‌ରେ ଗ୍ରୁପ୍ ପର୍ଯ୍ୟାୟରେ ଅପରାଜିତ ଭାରତ ଏବେ ଅପ୍ରତିଦ୍ୱନ୍ଦ୍ୱିତା ସଜ୍ଜରେ ପଡ଼ିଛି । ସୁପର-୮ର ପ୍ରଥମ ମୁକାବିଲାରେ ଦକ୍ଷିଣ ଆଫ୍ରିକାଠାରୁ ହାରିଯିବା ପରେ ଭାରତ 'କରୋ ବା ମରୋ' ପରିସ୍ଥିତିର ସମ୍ମୁଖୀନ ହୋଇଛି । ଗୁରୁବାର ଭାରତ ନିଜ ଦ୍ୱିତୀୟ ମ୍ୟାଚ୍ ଜିମ୍ବାୱେ ବିପକ୍ଷରେ ଖେଳିବ । ଅପ୍ରତିକର ପରିସ୍ଥିତିରେ ପଡ଼ିଥିବା ଭାରତ ପାଇଁ କିନ୍ତୁ ଚେପକ୍‌ର ନୂଆ ପିଚ୍ ଆଶ୍ୱସ୍ତି ଆଣିଛି । ଚେନ୍ନାଇର ପିଚ୍ ସାଧାରଣତଃ ମନ୍ଥର ରହୁଥିବାରୁ ଏହା ଜିମ୍ବାୱେର ସିକନ୍ଦର ରାଜା ଓ ବେସ୍ଲିଙ୍କ ମୁକାବିଲାକାରୀଙ୍କୁ ସୁହାଇଥାନ୍ତା । କିନ୍ତୁ ନୂଆ ପିଚ୍ ବ୍ୟାଟିଂ ଅନୁକୂଳ ହେବ ବୋଲି ବିଶ୍ୱାସ ହେଉଛି । ଫଳରେ ପେସ୍ ବୋଲିଂ ଉପରେ ନିର୍ଭର କରୁଥିବା ଜିମ୍ବାୱେ ବିପକ୍ଷରେ ଏହା ଉପକାରୀ ହୋଇପାରେ । ତଥାପି ଭାରତୀୟ ବ୍ୟାଟରଙ୍କୁ ଏହାର ଫାଇଦା ଉଠାଇବା କଠୁ ସ୍ୱୀକାର କରିବାର ଆବଶ୍ୟକତା ରହିବ । ବିଶ୍ୱକପ୍ ପୂର୍ବରୁ ଚେପକ୍ ପିଚ୍ ପୁନଃସ୍ଥାପିତ ହୋଇଥିବାରୁ ଘରୋଇ ଦଳ ସପକ୍ଷରେ ଯିବ ବୋଲି କୁହାଯାଉଛି । ମାତ୍ର ୫ ମାସ ତଳେ ଏମ୍‌ଏ ଚିଦମ୍ବରମ୍ ପିଚ୍ ଅବସ୍ଥାପିତ ହେବା ପରଠାରୁ ଏଠାରେ ରନ୍ ବର୍ଷା ବି ଦେଖିବାକୁ ମିଳିଛି । ଚଳିତ ବିଶ୍ୱକପ୍‌ରେ ଆଫଗାନିସ୍ତାନର ୧୮୨

ରନ୍‌କୁ ନ୍ୟୁଜିଲାଣ୍ଡ ୧୭.୫ ଓଭରରେ ପିଛା କରି ଦେଇଥିଲା । ସେହିଭଳି ୟୁଏଇ ବିପକ୍ଷ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୫.୧ ଓଭରରେ ୧୭୬ ରନ୍ କରି ବିଜୟୀ ହୋଇଥିଲା । ୟୁଏଇର ଯୁକ୍ତବାର ସାମରା ୬୫ ବଲ୍‌ରୁ ୧୧୦ ରନ୍ କରିଥିଲେ। ଉଭୟ ମ୍ୟାଚ୍ ଦିନବେଳା ଖେଳାଯାଇଥିଲା । ଏପର୍ଯ୍ୟନ୍ତ ଖେଳାଯାଇଥିବା ୨ଟି ରାତି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୧୯୬ରୁ ୨୦୦ ରନ୍‌କୁ ଡିଫେଣ୍ଡ କରି ଜିତିଛି ।ଭାରତ ପାଇଁ କିନ୍ତୁ ଶୀର୍ଷକ୍ରମ ବ୍ୟାଟିଂ ବିଫଳତା ବଡ଼ ଚିନ୍ତାର କାରଣ ହୋଇଛି । ପ୍ରାରମ୍ଭିକ ଯୋଡ଼ିଙ୍କ ହାରାହାରି ଚଳିତ ବର୍ଷରେ ସବୁ ଦଳ ମଧ୍ୟରେ ଖରାପ । ପ୍ରତିଦ୍ୱନ୍ଦ୍ୱୀ ଦଳ ଅଭିଷେକ ଶର୍ମା, ଶୁଭମନ ଗିଲନ, ତିଳକ ବର୍ମାଙ୍କ ଦୁର୍ବଳତାକୁ ଧରିନେଇଛନ୍ତି । ଭାରତ ପାଇଁ ଏକ ଅନାଲୋଚିତ ସମସ୍ୟା ବି ଭଲା ହୋଇଛି । ଏହା ହେଉଛି ଏକାଧିକ ବାମହାତୀ ଖେଳାଳି ଦଳ ପାଇଁ ଏବେ ବୋଝ ଭଳି ହୋଇଗଲେଣି । 'ଆମେ ଏବେ ଏଭଳି ଏକ ପଏଣ୍ଟରେ ପହଞ୍ଚିଗଲାଣୁ ଯେ କିଛି ଭିନ୍ନ ସମନ୍ୱୟ ବିଷୟରେ ଚିନ୍ତା କରିବାକୁ ପଡ଼ିବ, ନହେଲେ ସମାନ ସମନ୍ୱୟ ସହ ଯିବାକୁ ହେବ ।' ଏଭଳି କହିଛନ୍ତି ଭାରତୀୟ ଦଳ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟାକ । ଶୀର୍ଷକ୍ରମରେ ବାମ-ଡ଼ାହାଣ ସମନ୍ୱୟ ଏକ କୌଶଳ, ପୂର୍ବବର୍ତ୍ତୀ ୨ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ଏ ବିଷୟରେ ଚିନ୍ତା କରିବାକୁ ପଡ଼ିବ' ବୋଲି କହିଛନ୍ତି ଭାରତୀୟ ଦଳର ସହକାରୀ ପ୍ରଶିକ୍ଷକ ରାଜ୍ ଚେନ୍ ଡମ୍ବେଟ୍ । ତେବେ ବାମ-ଡ଼ାହାଣ ସମନ୍ୱୟ ପାଇଁ ସନ୍ତୁ ସାମସନଙ୍କୁ ଜାକିଲା ନିଶ୍ଚିତ ସାହସିକ ନିଷ୍ପତ୍ତି ହେବ । ସୂଚନାଯୋଗ୍ୟ, ଅକ୍ଷର ପଟେଲଙ୍କୁ ମିଶାଇଲେ ୭ ଜଣ ବ୍ୟାଟର କାମହାତୀ ରହିଛନ୍ତି । ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅକ୍ଷର ପଟେଲ୍ ଖେଳିନଥିଲେ ।

ଜୁନ୍ ୧୨ରୁ ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍

ଲଣ୍ଡନ : ଆଇସିସି ପକ୍ଷରୁ ଆୟୋଜ ଜୁନ ୧୨ରୁ ଜୁଲାଇ ୫ ପର୍ଯ୍ୟନ୍ତ ଇଂଲଣ୍ଡରେ ହେବାକୁ ଥିବା ମହିଳା ଟ୍ୱେଂଟି-୨୦ ବିଶ୍ୱକପ୍ ୨୦୨୬କୁ ସଂପୂର୍ଣ୍ଣ ଖେଳସୂଚୀ ଜାରି କରାଯାଇଛି । ଗ୍ରୁପ୍ 'ଏ'ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା, ଭାରତ, ପାକିସ୍ତାନ, ବାଂଲାଦେଶ ଓ ନେଦରଲାଣ୍ଡସ୍ ସ୍ଥାନ ପାଇଥିବାବେଳେ ଗ୍ରୁପ୍ 'ବି'ରେ ୱେଷ୍ଟ ଇଣ୍ଡିଜ୍, ଇଂଲଣ୍ଡ, ନ୍ୟୁଜିଲାଣ୍ଡ, ଶ୍ରୀଲଙ୍କା ଓ ସ୍କଟଲାଣ୍ଡ ସ୍ଥାନ ପାଇଛନ୍ତି । ଏଥର ନେଦରଲାଣ୍ଡସ୍ ପ୍ରଥମ ଥର ପାଇଁ ବିଶ୍ୱକପ୍ ଖେଳିବାକୁ ସୁଯୋଗ ପାଇଛି । ଗତ ମାସରେ ଅନୁଷ୍ଠିତ ମହିଳା ବିଶ୍ୱକପ୍ ଯୋଗ୍ୟତା ପ୍ରତିଯୋଗିତାର ସୁପର ସିକ୍ସ

ପର୍ଯ୍ୟାୟରେ ତିନୋଟି ମ୍ୟାଚ୍ ଜିତିବା ପରେ ଏହି ଦେଶକୁ ବିଶ୍ୱକପ୍ ଟିକେଟ୍ ମିଳିଛି । ଏହି ବିଶ୍ୱକପ୍‌ରେ ମୋଟ ୩୩ଟି ମ୍ୟାଚ୍ ୭ଟି ଷ୍ଟାଡିୟମ୍‌ରେ ଖେଳାଯିବ । ସେଗୁଡ଼ିକ ହେଉଛି ଓଭଲ୍ ଟ୍ରାଫୋର୍ଡ, ହେଡିଙ୍ଗଲେ, ହାମ୍ପସାୟାର ବୋଲ୍, ବ୍ରିଷ୍ଟଲ୍ କାଉଣ୍ଟି, ଏଜବାଷ୍ଟନ୍, ବି ଓଭାଲ ଓ ଲର୍ଡସ୍ । ଉଦଘାଟନୀ ମ୍ୟାଚ୍ ଜୁନ ୧୨ରେ ଇଂଲଣ୍ଡ ଓ ଶ୍ରୀଲଙ୍କା ମଧ୍ୟରେ ଏଜବାଷ୍ଟନ୍‌ଠାରେ ଖେଳାଯିବ । ସେହି ଷ୍ଟାଡିୟମରେ ଜୁନ ୧୪ରେ ଭାରତ ଓ ପାକିସ୍ତାନ ମୁକାବିଲା ହେବ । ଫାଇନାଲ୍ ମ୍ୟାଚ୍ ଜୁଲାଇ ୫ରେ ଲର୍ଡସ୍‌ଠାରେ ଖେଳାଯିବ ।

ଓଡ଼ିଶା ଏଫ୍‌ସିର ଆଇଏସ୍‌ଏଲ୍ ଅଭିଯାନ: ୧୦ ମାସ ପରେ ପଡ଼ିଆକୁ ଓହ୍ଲାଇବ ଦଳ

ଭୁବନେଶ୍ୱର, ୨୪/୨ (ଆ.ପ୍ର) : ବହୁଦିନର ଅନିଶ୍ଚିତତା ଏବଂ ଅସ୍ୱାଭାବିକ ସଂଶୟ ଓ ଦ୍ୱନ୍ଦ୍ୱ ପରେ କଳିଙ୍ଗ ଷ୍ଟାଡିୟମ୍‌ରୁ ପୁଣି ଥରେ ଆଇଏସ୍‌ଏଲ୍ ଫେରିବାକୁ ଯାଉଛି । ରାଜ୍ୟର ଏକମାତ୍ର ପେଶାଦାର ଫୁଟବଲ୍ କ୍ଲବ୍ 'ଓଡ଼ିଶା ଏଫ୍‌ସି' ମଙ୍ଗଳବାରଠାରୁ ତା'ର ଆଇଏସ୍‌ଏଲ୍ ଅଭିଯାନ ଏଠାରେ ଆରମ୍ଭ କରିବ । କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବାକୁ ଥିବା ପ୍ରଥମ ମ୍ୟାଚ୍‌ରେ ଆଇଲିଗ୍ ବିଜେତା ଇଂଟର କାଶୀ ଦଳକୁ ଛେଡିବ । ଏହି ପ୍ରତୀକ୍ଷିତ ମୁକାବିଲା ରାତି ୭ଟା ୩୦ରୁ ଆରମ୍ଭ ହେବ । ଯାହା ଘରୋଇ ଫୁଟବଲ୍‌ପ୍ରେମୀଙ୍କ ପାଇଁ ଖୁସିର ଖବର ହୋଇଛି । ଆଇଏସ୍‌ଏଲ୍‌ର ପ୍ରଥମ ସପ୍ତାହରେ ଓଡ଼ିଶା ଏଫ୍‌ସି ଲୌଖସି ମ୍ୟାଚ୍ ଖେଳି ନଥିଲା । ଇଂଟର କାଶୀ ଅନ୍ୟପକ୍ଷରେ ନିଜ ପ୍ରଥମ ସପ୍ତାହର ପ୍ରଥମ ମ୍ୟାଚ୍‌ରେ ସୁପର କପ୍ ବିଜେତା ଏଫ୍‌ସି ଗୋଆକୁ ଛେଡିଥିଲା । ଏହି ମ୍ୟାଚ୍‌ରେ ଦମଦାର ପ୍ରଦର୍ଶନ କରି ୧-୧ରେ ମ୍ୟାଚ୍ ଅମୀମାଂସିତ ରଖିବା ସହ ଏଫ୍‌ସି ଗୋଆକୁ ପଏଂଟ୍ ବାଂଟିବାକୁ ବାଧ୍ୟ କରିଥିଲା । ଏଣୁ ମଙ୍ଗଳବାର ମ୍ୟାଚ୍ ତାତ୍ର ସଂଘର୍ଷପୂର୍ଣ୍ଣ ଓ ଉତ୍କଣ୍ଠାରେ ରଚିତ ହୋଇ ଆଶା କରାଯାଉଛି । ଇଂଟର କାଶୀ ଅପେକ୍ଷା ଓଡ଼ିଶା ଏଫ୍‌ସି ପାଇଁ କିନ୍ତୁ ଏହି ମ୍ୟାଚ୍ ନୂଆ ପରୀକ୍ଷା ନେଇ ଆସିବ । କାରଣ ଗତ ୧୦ ମାସ ହେବ ଦଳ ଜୌଣସି ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଫୁଟବଲ୍ ଖେଳି ନଥିଲା ବେଳେ ଏହି ମ୍ୟାଚ୍ ଲାଗି ପ୍ରସ୍ତୁତି କରିବାକୁ ମାତ୍ର ୬ ଦିନର ସମୟ ପାଇଛି । ଓଡ଼ିଶା ଏଫ୍‌ସି ମଧ୍ୟ ଏକମାତ୍ର ଆଇଏସ୍‌ଏଲ୍ କ୍ଲବ ଭାବେ ଏଆଇଏଫ୍‌ଏଫ୍ ସୁପର କପ୍‌ରେ ଅଂଶଗ୍ରହଣ କରି ନଥିଲା । ଶେଷ ଦଳ ଭାବେ ୨୦୨୫-୨୬ ଋତୁରେ ଅଂଶଗ୍ରହଣ କରିବା ନିଶ୍ଚିତ କରିଥିଲା । ସେହିଭଳି କଳିଙ୍ଗ ଷ୍ଟାଡିୟମ୍‌ରେ ଖେଳିବା ଓ ଅଭ୍ୟାସ କରିବା ଲାଗି ସରକାରୀ ମଞ୍ଜୁରି ମଧ୍ୟ ଏହି ଦଳକୁ ଗତ ୧୮ ତାରିଖରେ ହିଁ ମିଳିଥିଲା । ମୁଖ୍ୟ ପ୍ରଶିକ୍ଷକ ସର୍ଜିଓ ଲୋବେରା ଦଳ ଛାଡ଼ି ଦେଇଥିଲା ବେଳେ ୬ଜଣ ବିଦେଶୀ ଖେଳାଳିଙ୍କ ମଧ୍ୟରୁ ୫ଜଣ ଆଉ ଦଳରେ ନାହାନ୍ତି । ଆମି ରନଓ୍ୱାଲ, ଜେରି ମାଉଣ୍ଟା, ଜେରି ଶର୍ଲି ନଜୁଲାଙ୍କ ଭଳି ଘରୋଇ ଖେଳାଳି ମଧ୍ୟ ଦଳ ଛାଡ଼ି ଦେଇଛନ୍ତି । ଏଣୁ ଦଳୀୟ ଖେଳାଳିଙ୍କ ମଧ୍ୟରେ ତାଳମେଳ ଓ ସମନ୍ୱୟ ମୁଖ୍ୟ ସମସ୍ୟା ହେବାକୁ ଯାଉଛି । ଟିକି ଯୁଗୋସ୍ଲାଭ ଦଳର କୂଟା ପ୍ରବନ୍ଧକ ଓ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି । ଦଳ ମଧ୍ୟ ୭ଜଣ ନୂଆ ବିଦେଶୀ ଖେଳାଳିଙ୍କୁ ଦଳରେ ସାମିଲ କରିଛି । ଦଳରେ ବହୁ ସମସ୍ୟା ଥିବା ସୋମବାର ପ୍ରାକ୍ ମ୍ୟାଚ୍ ସାମ୍ବାଦିକ ସମ୍ମିଳନୀରେ ସୁରୁ ଷୋଡ଼ାଅମନ ସ୍ୱୀକାର କରିଛନ୍ତି । ତଥାପି ସେମାନେ ଇଂଟର କାଶୀ ଦଳକୁ କଡ଼ା ଟକ୍କର ଦେବେ ବୋଲି ବୃତ୍ତାନ୍ତ ପ୍ରକାଶ କରିଛନ୍ତି । ପ୍ରମୁଖ ଖେଳାଳି କାର୍ଲୋସ୍ ଡେଲଗାଡୋ ମଧ୍ୟ ଓଡ଼ିଶା ଏଫ୍‌ସି ବିଜୟରୁ ଅଭିଯାନ ଆରମ୍ଭ କରିବ ବୋଲି ଆଶା ରଖିଛନ୍ତି ।

କେରଳ ହେଲା କେରଳମ୍, ବାଜିଲା କେନ୍ଦ୍ରର ମୋହର

ନୂଆଦିଲ୍ଲୀ, ୨୪/୨ (ନ୍ୟୁ.ଏ): ଭାରତର ଦକ୍ଷିଣ ପ୍ରାନ୍ତର ରାଜ୍ୟ କେରଳର ନାଁ ବଦଳିଛି । କେରଳ ସରକାରଙ୍କ ପ୍ରସ୍ତାବ ଅନୁସାରେ କେନ୍ଦ୍ର କ୍ୟାବିନେଟ ରାଜ୍ୟର ନାମ ପରିବର୍ତ୍ତନ ଉପରେ ମୋହର ମାରିଛନ୍ତି । ଏଣିକି କେରଳ ନୂଆ ନାଁ କେରଳମ ଭାବେ ପରିଚୟିତ ହାସଲ କରିଛି । ଆଗାମୀ କିଛି ମାସ ମଧ୍ୟରେ ରାଜ୍ୟରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ଏହାପୂର୍ବରୁ କେରଳର ନାଁ କେରଳମକୁ କରାଯାଇଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ତାର୍ଥରେ ଥିବା ନୂଆ ପିଏମଓରେ କ୍ୟାବିନେଟ ବୈଠକ ବସିଥିଲା । ପିଏମଓ ନୂଆ ଠିକଣାରେ ବସିଥିବା ପ୍ରଥମ କ୍ୟାବିନେଟ ବୈଠକରେ କେରଳର ନାଁ ବଦଳିଛି । ଭାରତୀୟ ସମ୍ବିଧାନର ୮ମ ସେଡ୍ୟୁଲ ଓ ସମସ୍ତ ସରକାରୀ ଦସ୍ତବାଜରେ ରାଜ୍ୟର ନାଁ କେରଳ ବଦଳରେ କେରଳମ ହେବ । ୨୦୨୪ ଜୁନ ୨୫ରେ କେରଳ ବିଧାନସଭା ସର୍ବସମ୍ମତିକ୍ରମେ ଦ୍ୱିତୀୟ ଥର ପାଇଁ ରାଜ୍ୟର ନାଁ ବଦଳାଇବା ସଂକଳ୍ପ ପାରିତ କରିଥିଲା । ସଂକଳ୍ପ ପାରିତ କରି କେରଳ ବିଧାନସଭା ପକ୍ଷରୁ କେନ୍ଦ୍ର ସରକାରଙ୍କ କେରଳମ ନାଁରେ ମୋହର ମାରିବାକୁ ଅନୁରୋଧ କରାଯାଇଥିଲା । ସେବେଠାରୁ ଏହି ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖରେ ପଡ଼ି ରହିଥିବା ବେଳେ ଠିକ ନିର୍ବାଚନ ପୂର୍ବରୁ ଏହା ଉପରେ ମୋହର କରାଯାଇଛି । ୨୦୨୩ରେ ମଧ୍ୟ କେରଳ ବିଧାନସଭା ପକ୍ଷରୁ ନାଁ ପରିବର୍ତ୍ତନ ପ୍ରସ୍ତାବ କେନ୍ଦ୍ର ସରକାରଙ୍କ ପାଖକୁ ପଠାଯାଇଥିଲା । ସେବେଠାରେ କେନ୍ଦ୍ର ସରକାର ଏହାର ବୈଧୟିକ ଯାଂଚ ହେବ ବୋଲି କହିଥିଲେ । ୨୦୨୩ରୁ ଯାଂଚ ଚାଲିଥିବା ବେଳେ କେରଳ ସରକାର ପୁଣି ୨୦୨୪ରେ ନାଁ ପରିବର୍ତ୍ତନ ପ୍ରସ୍ତାବ ପଠାଇଥିଲେ । ମୁଖ୍ୟମନ୍ତ୍ରୀ ପିନରାୟୀ ବିଜୟନଙ୍କ କହିବା କଥା, ମାଲାୟାଲମ ଭାଷାରେ ରାଜ୍ୟର ନାଁ କେରଳମ । ୧୯୫୬ ମସିହା ନଭେମ୍ବର ମାସରେ ଭାଷା ଭିତ୍ତିରେ ରାଜ୍ୟର ଗଠନ ହୋଇଥିଲା । ମାଲାୟାଲମ ଭାଷା କହୁଥିବା ଲୋକଙ୍କ ପାଇଁ ଗୋଟିଏ କେରଳ ଗଠନ କରିବାର ଆବଶ୍ୟକତା ଜାତୀୟ ସ୍ୱାଧୀନତା ସଂଗ୍ରାମ ଠାରୁ ଆବଶ୍ୟକ ଥିଲା । କିନ୍ତୁ ସମ୍ବିଧାନର ପ୍ରଥମ ସେଡ୍ୟୁଲରେ ଆମ ରାଜ୍ୟର ନାଁ କେରଳ ଲେଖାଯାଇଥିଲା । ସମ୍ବିଧାନର ଧାରା ୩ ଅଧୀନରେ ଆମ ରାଜ୍ୟକୁ କେରଳମ ଭାବେ ନାମିତ କରାଯାଉ ବୋଲି ସେ କହିଥିଲେ ।

ଭୁଶୁଡ଼ୁଛି ଲାଲ ଗଡ଼: ଟପ ମାଓବାଦୀ ନେତା ଦେବଜିଙ୍କ ଆତ୍ମସମର୍ପଣ

ନୂଆଦିଲ୍ଲୀ, ୨୪/୨(ନ୍ୟୁ.ଏ): ମାର୍ଚ୍ଚ ୩୧ ସୁଦ୍ଧ ଦେଶକୁ ମାଓବାଦୀ ମୁକ୍ତ କରିବା ପାଇଁ ସୁରକ୍ଷାକର୍ମୀଙ୍କ ଘନଘନ ଅପରେସନ ଜାରି ରହିଛି । ସୁରକ୍ଷାକର୍ମୀଙ୍କ ଅପରେସନ ଯୋଗୁ ଲୁଣ୍ଠିତିବାରେ ଲାଗିଛି ଲାଲଗଡ଼ । ଜଣଙ୍କ ପରେ ଜଣେ ମାଓବାଦୀ ନିହତ ହେଉଛନ୍ତି ବା ଭୟରେ ଆତ୍ମସମର୍ପଣ କରୁଛନ୍ତି । ଏହିକ୍ରମରେ ନିଷିଦ୍ଧ କମ୍ୟୁନିଷ୍ଟ ପାର୍ଟି ଅଫ ଇଣ୍ଡିଆ(ମାଓବାଦୀ)ର ଅନ୍ୟତମ ବରିଷ୍ଠ ନେତା ଥିଲେ ଚଲୁପତି ଉରଫ ଦେବଜିତ ତେଲଙ୍ଗାନା ପୁଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଦେଶରେ ଚାଲିଥିବା ଲାଲ ବାହିନୀ ସଂଗ୍ରାମର ଇତିହାସରେ ଏପରି ଆତ୍ମସମର୍ପଣ ଗୋଟିଏ ବିରଳ ଘଟଣା । ୬୨ ବର୍ଷୀୟ ଦେବଜି ଆଉ ୨୦ ଜଣ କ୍ୟାଡରଙ୍କ ସହ ତେଲଙ୍ଗାନ ମୁଲୁଗୁ ଜିଲ୍ଲା ପୁଲିସ୍ ନିକଟରେ ଆତ୍ମସମର୍ପଣ କରିଛନ୍ତି । ଏମାନଙ୍କ ମଧ୍ୟରେ ବରିଷ୍ଠ ଲେଖାଏଁ କମିଟି ସଦସ୍ୟ ମଲ୍ଲୁ ରାଜି ରେଡ୍ଡୀ ଓରଫ ସଂଗ୍ରାମ ମଧ୍ୟ ରହିଛନ୍ତି । ଦେବଜି ଓ ଅନ୍ୟ କମାଣ୍ଡରଙ୍କ ଅସ୍ତ

ତ୍ୟାଗ ଓ ବନ୍ଦୁକିଜି କାମ ଶେଷ ହେବା ପରେ ସମସ୍ତଙ୍କୁ ଲାଲଦ୍ରାବାଦ ଅଣାଯାଇଛି । ସମସ୍ତଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ପାଇଁ ତେଲଙ୍ଗାନା ସରକାର ଓ ପୁଲିସ୍ ସବୁ ପ୍ରକାରର ବ୍ୟବସ୍ଥା କରିବେ । ମାଓବାଦୀ ସଂଗଠନରେ ଦେବଜି ଅନ୍ୟତମ ଭୟଙ୍କର ରଣନୀତିଜ୍ଞ । ସେ କେନ୍ଦ୍ରୀୟ ସାମରିକ କମିଶନର ମୁଖ୍ୟ ଭାବେ କାମ କରିବା ସହ ସାମରିକ ଯୋଜନା ଓ ରଣନୀତି ଅପରେସନରେ ବର୍ଘାଟ ବର୍ଷଣ ଧରି ପ୍ରମୁଖ ଭୂମିକା ଗ୍ରହଣ କରି ଚାଲିଥିଲେ । ଛତିଶଗଢ଼, ଓଡ଼ିଶା ଓ ମହାରାଷ୍ଟ୍ରରେ ସୁରକ୍ଷାକର୍ମୀଙ୍କୁ ଟାର୍ଗେଟ କରି ହୋଇଥିବା ଅନେକ ବଡ଼ ଆମ୍ବୁସରେ ଦେବଜି ରହିଥିଲେ । ୨୫୦ରୁ ଅଧିକ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ପଛରେ ଦେବଜିଙ୍କ ହାତ ରହିଥିବା ସୁରକ୍ଷା ଏଜେନ୍ସି ପକ୍ଷରୁ କୁହାଯାଇଛି । ଜଣେ ବରିଷ୍ଠ ପୁଲିସ୍ ଅଧିକାରୀଙ୍କ କହିବା କଥା ଯେ ମାଓବାଦୀ ସଂଗଠନର ଇତିହାସରେ କେବେ ହେଲେ ବି ଏତେ ବଡ଼ ପାହାଡ଼ ନେତା ଆତ୍ମସମର୍ପଣ କରି ନଥିଲେ । ଏବେ ଦେବଜି ଆତ୍ମସମର୍ପଣ କରିବା ଘଟଣା ସଂଗଠନର ଇତିହାସରେ କେବେ ହେଲେ ବି ଏତେ ବଡ଼ ପାହାଡ଼ ନେତା ଆତ୍ମସମର୍ପଣ କରି ନଥିଲେ । ଏବେ ଦେବଜି ଆତ୍ମସମର୍ପଣ କରିବା ପରେ ସିପିଆଇ(ମାଓବାଦୀ) ପଲିଟବ୍ୟୁରୋରେ କେବଳ ଜଣେ ସକ୍ରିୟ ସଦସ୍ୟ ମିସି ବେସରା ଓ କେନ୍ଦ୍ରୀୟ କମିଟି(ସିସି)ରେ କେବଳ ୫ ଜଣ ସକ୍ରିୟ ସଦସ୍ୟ ରହିଛନ୍ତି । ପୂର୍ବରୁ ସିସିରେ ୫୦ ଜଣ ସଦସ୍ୟ ସକ୍ରିୟ ରହିଥିଲେ । ଦୀର୍ଘ ୪ ଦଶନ୍ଧି ଧରି ଦେବଜି ପରିଚାଳନା ଠାରୁ ଦୂରରେ ରହି ମାଓବାଦୀ କାର୍ଯ୍ୟକଳାପରେ ଲିପ୍ତ ରହିଥିଲେ । ଏବେ ସେ ଆତ୍ମସମର୍ପଣ କରିଥିବାରୁ ତାଙ୍କ ହୋମଟାଉନ କୋରିଚରାଲରେ ଖୁସିର ପରିବେଶ ଦେଖିବାକୁ ମିଳିଛି ।

ଏସଆଇଆରକୁ ନେଇ ସୁପ୍ରିମକୋର୍ଟଙ୍କ ବଡ଼ ରାୟ, ପଶ୍ଚିମବଙ୍ଗ ସମସ୍ୟା ସମାଧାନ କରିବେ ଓଡିଶା ଓ ଝାଡଖଣ୍ଡର ବିଚାରପତି

ନୂଆଦିଲ୍ଲୀ, ୨୪/୨(ନ୍ୟୁ.ଏ): ଭୋଟର ତାଲିକାର ସ୍ପେଶାଲ ଇନଟେନସିଭ୍ ରିଭିଜନ୍ କୁ ନେଇ ବହୁ ଦିନ ଧରି ଦେଶବ୍ୟାପୀ ଅନେକ ସମସ୍ୟା ଦେଖିବାକୁ ମିଳୁଛି । ଡକ୍ୟୁମେଂଟ ଯାଂଚ ଠାରୁ ଆରମ୍ଭ କରି ନୀତିର ତ୍ରୁଟି ପର୍ଯ୍ୟନ୍ତ । ଏବେ ପଶ୍ଚିମବଙ୍ଗ ଗତିଶୀଳ କରିବାକୁ ପ୍ରାୟ ୮୦ ଲକ୍ଷ 'ଲଜିକାଲ ଡିସ୍କ୍ରେପ୍ସି' ଭଳି ମାମଲାକୁ ସମାଧାନ କରିବା ପାଇଁ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ସମ୍ବିଧାନର ଧାରା୧୪୨ ଅନୁଯାୟୀ ଅତିରିକ୍ତ ନ୍ୟାୟିକ ନିୟୋଜନକୁ ଅନୁମତି ପ୍ରଦାନ କରିଛନ୍ତି । ସୁପ୍ରିମକୋର୍ଟରେ ଏକ ଶୁଣାଣି ସମୟରେ, ପ୍ରଧାନ ବିଚାରପତି ସୂର୍ଯ୍ୟକାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି । ସୁପ୍ରିମକୋର୍ଟ ଏହା ମଧ୍ୟ ଉଲ୍ଲେଖ କରିଛନ୍ତି ଯେ କଲିକତା ହାଇକୋର୍ଟରେ ବର୍ତ୍ତମାନ ୨୨୦ ଜଣ ଇଲେକ୍ଟ୍ରୋରାଲ୍ ବିଚାରପତି ଅଛନ୍ତି । ଯଦିଓ ଜଣେ ବିଚାରପତି ପ୍ରତିଦିନ ୨୦୦ ମାମଲା ଶୁଣାଣି କରନ୍ତି, ତଥାପି ଆପତିଗୁଡ଼ିକର ସମାଧାନ ପାଇଁ ଅତି କମରେ ୮୦ଦିନ ସମୟ ଲାଗିବ । ଏହି ସମସ୍ୟାର ସମାଧାନ ପାଇଁ, ସୁପ୍ରିମକୋର୍ଟ ତିନି ବର୍ଷର ଅଭିଜ୍ଞତା ଥିବା ସିଭିଲ୍ ଜଜ୍ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି ।

୪ ବର୍ଷର ସଂଘର୍ଷରେ ରୁଷର ଅଜେୟ ପ୍ରତିଚ୍ଛବି ଭଙ୍ଗ

ମସ୍କୋ/କିବ, ୨୪/୨(ନ୍ୟୁ.ଏ): ରୁଷ-ୟୁକ୍ରେନ ବିବାଦ ଚାରି ବର୍ଷ ପୂରଣ କରିଛି । ମସ୍କୋ ଯାହାକୁ ଏକ ସ୍ୱତନ୍ତ୍ର ସାମରିକ ଅଭିଯାନ କହି ୨୪ ଫେବୁଆରି ୨୦୨୨ ରେ ଆରମ୍ଭ କରିଥିଲା । ସେହି ସମୟରେ, ବିଶ୍ୱ ଭବିଷ୍ୟବାଣୀ କରିଥିଲା, ଏହା ଦୁଇ ସପ୍ତାହରୁ ଅଧିକ ସମୟ ଧରି ଚାଲିବ ନାହିଁ । କିନ୍ତୁ ସଂଘର୍ଷକୁ ଇତି ମଧ୍ୟରେ ୧୪୬୦ ଦିନ ପୂରିଛି । ଯୁଦ୍ଧ ଜାରି ରହିଛି । ଏହା ଦର୍ଶାଉଛି ଯେ, ପ୍ରାରମ୍ଭିକ ଭବିଷ୍ୟବାଣୀ ସମ୍ପୂର୍ଣ୍ଣ ଭୁଲ ଥିଲା । ଏହା ଶୀଘ୍ର ଶେଷ ହେବାର ଜେ ଏଣସି ଆଶା ମଧ୍ୟ ନାହିଁ । ଏହି ସଂଘର୍ଷ ଉଭୟ ଦେଶର ଅନେକ ଭୁଲ ଧାରଣାକୁ ପ୍ରକାଶ କରିଛି । ଏକଦା ଅପରାଜେୟ ବୋଲି ବିବେଚିତ ରୁଷୀୟ ସାମରିକ ଶକ୍ତି ପ୍ରତି ଧାରଣା ଭାଙ୍ଗି ଯା